# ଜ୍ୱାଇଁ ହତ୍ୟା ମାମଲା, ଶାଳକ ନିର୍ଦ୍ଦୋଷ

ବ୍ରହ୍ମପୁର,୧୩।୮ (ସମିସ): ଗଞ୍ଜାମ ଜିଲ୍ଲା ଦୌରାଜଜ୍ ଡା. ଭାଗ୍ୟଲକ୍ଷ୍ମୀ ରଥ ବୁଧବାର ଏକ ହତ୍ୟା ମାମଲାର ରାୟ ପ୍ରକାଶ କରି ଅଭିଯୁକ୍ତ ତଥା ମୃତ ନେଲାରୀ ଗୌଡ଼ଙ୍କ ଶଳା ସନାତନ ଗୌଡ଼ଙ୍କୁ ନିର୍ଦ୍ଦୋଷ ସାବ୍ୟସ୍ତ କରିଛନ୍ତି। ମାମଲାର ବିବରଣୀରୁ ପ୍ରକାଶ ଯେ, ୨୦୧୪ରେ ନେଲାରୀ ଗୌଡ଼ ଶେରଗଡ ଅଞ୍ଚଳର ଜାନକୀ ଗୌଡ଼ଙ୍କୁ ବିବାହ କରିଥିଲେ। ବିଭିନ୍ନ କାରଣକୁ କେନ୍ଦ୍ରକରି ନେଲାରୀ ତାଙ୍କ ମାଡ଼ ମାରୁଥିଲେ। ସେହିପରି ୨୦୨୪ ଏପ୍ରିଲ ୧୮ ତାରିଖ ରାତିରେ ନେଲାରୀ ଘରକୁ ଆସି ତାଙ୍କ ସ୍ତ୍ରୀ'ଙ୍କୁ ମାଡ଼ ମାରିଥିଲେ। ଏନେଇ ଜାନକୀ ତାଙ୍କ ବାପାଙ୍କୁ ଜଣାଇଥିଲେ। ପରେ ତାଙ୍କ ଭାଇ ସନାତନ ଗାଁ'ଙ୍କୁ ଆସି ଜ୍ୱାଇଁଙ୍କୁ ଖୋଜାଖୋଜି କରିଥିଲେ। ସେ ଅନ୍ୟତ୍ର ରହୁଥିବା ତାଙ୍କ ମା'ଙ୍କ ଘରକୁ ଯାଇ ଲୁଚି ଯାଇଥିଲେ। ସନାତନ ଏନେଇ ଜାଣିବା ପରେ ସେଠାରେ ପହଞ୍ଚି ଏକ କାଠ ଫାଳିଆରେ ତାଙ୍କ ଜ୍ୱାଇଁଙ୍କ ମୁଣ୍ଡକୁ ଆକ୍ରମଣ କରି ନିଜ ଗାଁ'କୁ ଫେରିଯାଇଥିଲେ। ପରେ ଆହତଙ୍କୁ ସ୍ଥାନୀୟ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ମୃତକଙ୍କ ଭାଇ ମିଟୁ ଗୌଡ଼ଙ୍କ ଅଭିଯୋଗରେ ପାଟପୁର ପୁଲିସ ଏକ ମାମଲା ରୁଜୁକରି ଅଭିଯୁକ୍ତ ସନାତନ ଗୌଡ଼ଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। ମାମଲାର ବିଚାରଣା ବେଳେ ୮ ଜଣ ସାକ୍ଷୀଙ୍କ ବୟାନ ରେକର୍ଡ କରାଯାଇଥିଲା। ବୁଧବାର ରାୟ ପ୍ରକାଶ ବେଳେ ବ୍ରହ୍ମପୁର ଜେଲରେ ଥିବା ସନାତନ ଗୌଡ଼ଙ୍କୁ କୋର୍ଟ ହାଜର କରାଯାଇଥିଲା। ପ୍ରମାଣ ଅଭାବରୁ କୋର୍ଟ ଉପରୋକ୍ତ ରାୟ ପ୍ରକାଶ କରିଛନ୍ତି। ମୁଦୁଲାଙ୍କ ପକ୍ଷରୁ ଆଇନ୍‌ଜୀବୀ କୃଷ୍ଣପ୍ରସାଦ ପଟ୍ଟନାୟକ ମକଦ୍ଦମା ପରିଚାଳନା କରିଥିଲେ।

# ଜୋତା ଦୋକାନରୁ ୪ଲକ୍ଷ ଠକେଇ; ଥାନାରେ ମାମଲା

ବ୍ରହ୍ମପୁର,୧୩।୮ (ସମିସ): ଗାନ୍ଧିନଗର ମୁଖ୍ୟରାସ୍ତାରେ ଥିବା ଏକ ଜୋତା ଦୋକାନରୁ ଜଣେ କର୍ମଚାରୀ ୪ଲକ୍ଷ ଟଙ୍କାର ସାମଗ୍ରୀ ହେରଫେର କରି ଟଙ୍କା ଠକି ନେଇଥିବା ନେଇ ଦୋକାନ ମାଲିକ ଶେଖ ରଫିକ ଟାଉନ ଥାନାରେ ଅଭିଯୋଗ କରିଛନ୍ତି। ସୂଚନା ଅନସାରେ, ଶେଖ୍ ରଫିକ ତାଙ୍କ ହୋଲସେଲ ଜୋତା ଦୋକାନରେ କିଛି ମାସ ପୂର୍ବେ ବିଭିନ୍ନ ପ୍ରକାର ଜୋତାର ଷ୍ଟକ୍ ସହ କିଣା ବିକାର ହିସାବ ଯାଞ୍ଚ କରିଥିଲେ। ସେତେବେଳେ ୪ଲକ୍ଷ ଟଙ୍କାର ଷ୍ଟକର ହିସାବ ମିଳିନଥିଲା। ସେଠାରେ କାମ କରୁଥିବା କର୍ମଚାରୀଙ୍କୁ ଏନେଇ ପଚାରିବାରୁ ପ୍ରଥମେ ସେ କିଛି ଜାଣି ନ ଥିବା କହିଥିଲେ। ଏନେଇ ଥାନାର ଦ୍ୱାରସ୍ଥ ହେବାପରେ ପୁଲିସ ସମ୍ପୃକ୍ତ କର୍ମଚାରୀଙ୍କୁ ଥାନାକୁ ଡାକି ପଚରାଉଚରା କରିଥିଲା। ପଚରାଉଚରା ବେଳେ ୪ଲକ୍ଷ ଟଙ୍କା ହଡ଼ପ କରିଥିବା ରାଜି ହୋଇଥିଲେ କର୍ମଚାରୀ ଜଣକ। ଏନେଇ ଉକ୍ତ କର୍ମଚାରୀ ଓ ତାଙ୍କ ସ୍ତ୍ରୀ ସେ ସମସ୍ତ ଟଙ୍କା ଫେରାଇବା ନେଇ ପ୍ରତିଶ୍ରୁତି ଦେଇଥିଲେ। ହେଲେ ନିର୍ଦ୍ଧାରିତ ସମୟ ମଧ୍ୟରେ ଟଙ୍କା ଫେରସ୍ତ କରି ନ ଥିଲେ। ମାଲିକ ତାଙ୍କୁ ଟଙ୍କା ଫେରସ୍ତ କରିବାକୁ କହିବାରୁ ସେ ତାଙ୍କୁ ନାନା ପ୍ରକାର ଧମକଚମକ ବୋଲି ମାଲିକ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗକୁ ଆଧାର କରି ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି ।

● ୧ ଲକ୍ଷ ୬୯ ହଜାର ଟଙ୍କା ଠକେଇ ଘଟଣା

# ପୁଲିସ କବ୍‌ଜାରେ ଅଭିଯୁକ୍ତ

ବ୍ରହ୍ମପୁର,୧୩।୮ (ସମିସ): ମୋବାଇଲ ଚୋରି କରି ୧ ଲକ୍ଷ ୬୯ ହଜାର ଟଙ୍କା ଠକେଇ କରିବା ଓ ବାଇକ୍ ଚୋରି କରିଥିବା ଅଭିଯୁକ୍ତ ଶୁଭମ ସାହୁକୁ ଗୋପାଳପୁର ପୁଲିସ ଅଟକ ରଖିଥିବା ଜଣାପଡ଼ିଛି। ଗୋଳନ୍ଥରା ଥାନା ଅଞ୍ଚଳର ସୁଶାନ୍ତ କୁମାର ସାହୁଙ୍କ ଉକ୍ତ ଥାନାରେ ୱେଲଡିଂ ଓ ଲେଥ୍ ଦୋକାନ ରହିଛି। ସେଠାରେ ଗୋପାଳପୁରର ଶୁଭମ ସାହୁ କାମ କରେ। ରବିବାର ରାତିରେ ସୁଶାନ୍ତ କର୍ମଚାରୀ ଶୁଭମଙ୍କ ଘରେ ରାତିରେ ରହିଥିଲେ। ସକାଳୁ ଉଠି ଦେଖିବା ବେଳକୁ ତାଙ୍କ ମୋବାଇଲ ଓ ବାଇକ୍ ନେଇ ଶୁଭମ ଚାଲିଯାଇଥିଲା। ପରେ ସୁଶାନ୍ତ ଜାଣିବାକୁ ପାଇଲେ ପ୍ରାୟ ୧ ଲକ୍ଷ ୬୯ ହଜାର ଟଙ୍କା ତାଙ୍କ ଆକାଉଣ୍ଟରୁ ଉଠାଣ ହୋଇଛି। ଶୁଭମକୁ ଖୋଜାଖୋଜି କରିବା ପରେ ନ ମିଳିବାରୁ ସୁଶାନ୍ତ ଏ ନେଇ ଗୋପାଳପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୁଲିସ ଏକ ମାମଲା ରୁଜୁ କରି ଅଭିଯୁକ୍ତକୁ ଶୁଭମକାବୁ କରି ତଦନ୍ତ କରୁଥିବା ଜଣାପଡ଼ିଛି।

# ବ୍ୟାଙ୍କ ସାମ୍ନାରୁ ଲୁଟିନେଲେ ଟଙ୍କା ବ୍ୟାଗ୍

ବ୍ରହ୍ମପୁର,୧୩।୮ (ସମିସ): ଦିନ ଦ୍ୱିପହରେ ଜନଗହଳିପୂର୍ଣ୍ଣ ସ୍ଥାନରୁ ଟଙ୍କା ଭର୍ତ୍ତି ବ୍ୟାଗ ଲୁଟ୍ ହୋଇଛି। ଏହି ବ୍ୟାଗ ଲୁଟ କରିବା ପରେ ଘଟଣାସ୍ଥଳରୁ ଫେରାର ହୋଇଯାଇଛନ୍ତି। ସୂଚନାଯୋଗ୍ୟ ଯେ, ଟାଉନ ଥାନା ଅଧୀନ ଭବାନୀନଗର୨ୟ ଲାଇନ ନିବାସୀ ନିଖିଳା ନନ୍ଦ ପାଢ଼ୀଙ୍କ ପିତା ପଦ୍ମ ଚରଣ ପାଢ଼ୀ ଦୀର୍ଘ ମାସ ହେଲା ପକ୍ଷାଘାତ ରୋଗରେ ଆକ୍ରାନ୍ତ ହୋଇଛନ୍ତି। ନିଖିଳାନନ୍ଦ ଦେଶ ବାହାରେ ରହୁଥିବା ବେଳେ ଏକମାସ ପୂର୍ବେ ସେ ବ୍ରହ୍ମପୁର ଆସିଥିବା ଜଣାପଡିଛି। ବର୍ତ୍ତମାନ ନିଖିଳାନନ୍ଦଙ୍କ ପିତାଙ୍କ ଉତ୍ତମ ଚିକିତ୍ସା ଓ ଘର କାମ ପାଇଁ ଟଙ୍କା ଦରକାର ପଡିବାରୁ ସେ ଗତ ୧୧ତାରିଖ ପୂର୍ବାହ୍ନ ସମୟରେ ବ୍ରହ୍ମପୁରର ଷ୍ଟେଟବ୍ୟାଙ୍କ ମୁଖ୍ୟ ଶାଖାରୁ ୩ ଲକ୍ଷ ଉଠାଇ ଆଣିଲେ। ଟଙ୍କା ଉଠାଇ ଆଣି ସ୍କୁଟିରେ ରଖିବା ବେଳେ ଏକ କୌଣସି ଦୁର୍ବୃତ୍ତ ଉକ୍ତ ବ୍ୟାଗକୁ ନେଇ ଚମ୍ପଟ ମାରିଥିଲେ। ଉକ୍ତ ବ୍ୟାଗରେ ବ୍ୟାଙ୍କ ପାସବୁକ, ଚେକ ବୁକ, କିଛି ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ରହିଥିଲା। ନିଖିଳାନନ୍ଦ ଏନେଇ ଟାଉନ ଥାନାରେ ଅଭିଯୋଗ କରିବା ପରେ ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ପୁଲିସ ଘଟଣାସ୍ଥଳରେ ପହଞ୍ଚି ସେହି ଅଞ୍ଚଳରେ ଲାଗିଥିବା ସିସିଟିଭି ଫୁଟେଜ ଯାଞ୍ଚ କରି ଦୁର୍ବୃତ୍ତଙ୍କୁ ଚିହ୍ନଟ ପାଇଁ ଉଦ୍ୟମ ଚଳାଇଥିବା ଜଣାପଡ଼ିଛି। ତେବେ ଦୁର୍ବୃତ୍ତମାନେ ନିଖିଳା ନନ୍ଦଙ୍କୁ ବ୍ୟାଙ୍କ ନିକଟରୁ ଅନୁସରଣ କରୁଥିଲେ। ସୁବିଧା ଦେଖି ତାଙ୍କ ସ୍କୁଟିରୁ ଟଙ୍କା ଭର୍ତ୍ତି ବ୍ୟାଗ ଲୁଟକରି ଚମ୍ପଟ ମାରିଥିବା ସନ୍ଦେହ କରାଯାଉଛି।

## ଗୁଳିକରି ହୀରା ଓ ସୁନା ଚେନ୍ ଲୁଟ୍ ମାମଲା

# ୫ ଗିରଫ; ଉଦ୍ଧାର ହେଲାନି ଅଳଙ୍କାର

ବ୍ରହ୍ମପୁର,୧୩।୮ (ସମିସ)

ବ୍ରହ୍ମପୁର ସହରରେ ଗତ କିଛି ଦିନ ପୂର୍ବେ ଜଣେ ମହିଳା ଓ ଦୁଇ ବ୍ୟବସାୟୀଙ୍କୁ ଗୁଳି କରି ହୀରା ଓ ସୁନା ଅଳଙ୍କାର ଲୁଟ୍ ହୋଇଥିଲା। ଉଭୟ ମାମଲାରେ ପୁଲିସ ସମ୍ପୃକ୍ତ ଅଭିଯୁକ୍ତଙ୍କୁ ଗିରଫ କରିଥିଲେ ହେଁ ଲୁଟ୍ ହୋଇଥିବା ସୁନା ଓ ହୀରା ଅଳଙ୍କାର ଉଦ୍ଧାର କରିପାରିନି। କାହିଁକି ନା ଏଯାବତ୍ ସମ୍ପୃକ୍ତ ମୁଖ୍ୟ ଲୁଟେରାଙ୍କୁ ପୁଲିସ ଗିରଫ କରି ପାରିନି। ସୂଚନାଯୋଗ୍ୟ ଯେ, ନିମଖଣ୍ଡି ଥାନା ଅଧୀନ ଗୋବିନ୍ଦ ବିହାର ୮ମ ଲାଇନର ଶୁଭଶ୍ରୀ ଜେନା ନାମକ ଜଣେ ମହିଳାଙ୍କୁ ଉପରକୁ ଗୁଳିଚାଳନା କରି ସେ ପିନ୍ଧିଥିବା ୨ଭରି ସୁନାଚେନ ଲୁଟ୍ କରିଥିବା ନେଇ ଗତ ଜୁଲାଇ ୨୨ ତାରିଖରେ ନିମଖଣ୍ଡି ଥାନାରେ ଅଭିଯୋଗ ହୋଇଥିଲା। ଅଭିଯୋଗ ପରେ ପୁଲିସ ଏକ ମାମଲା ରୁଜୁ କରିଥିଲା। ଏହି ଲୁଟେରାଙ୍କୁ ଧରିବା ପାଇଁ ବ୍ରହ୍ମପୁର ଏସ୍‌ପି ୩ଟି ଟିମ ଗଠନ କରିଥିଲେ। ଏହି ଟିମ୍ ବିଭିନ୍ନ ସ୍ଥାନରେ ଚଢ଼ଉ କରି ସମ୍ପୃକ୍ତ ଅଭିଯୁକ୍ତଙ୍କୁ ଚିହ୍ନଟ କରିଥିଲା। ତଦନ୍ତ ବେଳେ ଏହି ସୁନାଚେନ ଲୁଟ୍ ଘଟଣାର ମୁଖ୍ୟ ଅଭିଯୁକ୍ତ କବିସୂର୍ଯ୍ୟନଗର ଆଇବି ରୋଡ୍‌ର ସୁନୀଲ ମହାନ୍ତି ଓରଫ୍ ମଲ୍ଲ ବୋଲି ପୁଲିସ ଜାଣିବାକୁ ପାଇଥଲା। ଗତ ୨ତାରିଖରେ ସୁନୀଲକୁ ପୁଲିସ ଏନ୍‌କାଉଣ୍ଟର କରିଥିଲା। ଏଥିରେ ସୁନୀଲ ଆହତ ହୋଇଥିବା ବେଳେ ତାର ସହଯୋଗୀ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲା। ସୁନୀଲଙ୍କ ସହଯୋଗୀକୁ ପୁଲିସ ଗିରଫ କରିବା ପରେ ହିଁ ଶୁଭଶ୍ରୀଙ୍କ ଲୁଟ୍ ଅଳଙ୍କାର ଉଦ୍ଧାର ହୋଇପାରିବ ବୋଲି ପୁଲିସ ପକ୍ଷରୁ କୁହାଯାଇଛି। ବର୍ତ୍ତମାନ ପୁଲିସ ସୁନିଲଙ୍କ ସହଯୋଗୀକୁ ଖୋଜୁଥିବା ଜଣାପଡ଼ିଛି। ସେହିପରି ଗତ ଅଗଷ୍ଟ ୫ତାରିଖରେ ବ୍ରହ୍ମପୁର ବଡ଼ବଜାର ଥାନା ଅଧୀନ ଶାସ୍ତ୍ରୀ ନଗର ୫ଲାଇନର ବ୍ୟବସାୟୀ ବାଳକୃଷ୍ଣ ଆଚାରୀ ଓରଫ୍ ରୁନା ଓ ଶଳା ସୁନିଲ ସାହୁଙ୍କୁ ଗୁଳି କରି ହୀରା ଲୁଟ୍ ହୋଇଥିଲା। ଏହି ଘଟଣାରେ ହୀରା ବିକ୍ରି କରିବାକୁ ମଧ୍ୟସ୍ଥି ଭୂମିକା ତୁଲାଇଥିବା ମଳୟ ଉପାଧ୍ୟାୟ, ଖଣ୍ଡଗିରି ଅଞ୍ଚଳର ସରୋଜ କୁମାର ମହାନ୍ତି, ଶେଖ୍ ରାଜୁ, ସାହିଲ ଖାନ୍‌ଙ୍କୁ ଗିରଫ କରି ଥିବାବେଳେ ପୁରା ଲୁଟ୍ ଘଟଣାର ପର୍ଦ୍ଦାଫାସ୍ ହୋଇଥିଲା। ତଦନ୍ତ ବେଳେ ପୁଲିସ ଏମାନଙ୍କର ସମ୍ପୃକ୍ତି ଜାଣିବା ପରେ ମଳୟଙ୍କ ସମେତ ଖଣ୍ଡଗିରିରୁ ଉପରୋକ୍ତ ୩ଜଣଙ୍କୁ ଗିରଫ କରିଛି। ଅନ୍ୟମାନେ ଏଯାବତ୍ ଫେରାର ରହିଛନ୍ତି। ଏଯାଏଁ ମାଉଜର ଓ ହୀରା ମିଳିପାରି ନ ଥିବାବେଳେ ରାଜା ଖାନ୍ ଫେରାର ରହିଛି। ଫେରାର ଲୁଟେରାଙ୍କୁ ଧରିବା ପାଇଁ ସ୍ୱତନ୍ତ୍ର ଟିମ୍ ରାଜ୍ୟ ବାହାରେ ଚଢ଼ଉ ଜାରି ରଖିଥିବା ଜଣାପଡ଼ିଛି। ପୁଲିସ ଆଉ ଜଣେ ଅଭିଯୁକ୍ତଙ୍କୁ କାବୁ କରିଥିବା ସୂଚନା ମିଳିଛି।

● ପୁଲିସ ସ୍କାନରରେ ରାଜା ଖାନ୍‌ଙ୍କ ସମେତ ଏକାଧିକ ଅଭିଯୁକ୍ତ
● ଲୁଟେରାଙ୍କୁ ଧରିବା ପାଇଁ ରାଜ୍ୟ ବାହାରେ ପୁଲିସ ଟିମ୍



## ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟ ସିଣ୍ଡିକେଟ୍ ବୈଠକ

# ସାଇନ୍ସ ବ୍ଲକ୍ କୋଠା ନିର୍ମାଣ ପାଇଁ ସର୍ଚ୍ଚ କମିଟି ଗଠିତ



ଦ୍ୱିତୀୟ କ୍ୟାମ୍ପସ୍ ପାଇଁ ଜମି ଚିହ୍ନଟ

ବ୍ରହ୍ମପୁର,୧୩।୮ (ସମିସ)

ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟରେ ବୁଧବାର ସିଣ୍ଡିକେଟ ବୈଠକ ଅନୁଷ୍ଠିତ ହୋଇଛି। ବିଶ୍ୱବିଦ୍ୟାଳୟ ଭାରପ୍ରାପ୍ତ କୁଳପତି ପ୍ରଫେସର ଗୀତାଞ୍ଜଳି ଦାଶଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ବହୁବର୍ଷ ଧରି ଲାଗି ରହିଥିବା ବିଶ୍ୱବିଦ୍ୟାଳୟର ଦ୍ୱିତୀୟ କ୍ୟାମ୍ପସ୍ ପାଇଁ ଜମି ଅଧିଗ୍ରହଣ ସହ ସ୍ଥାନ ଚିହ୍ନଟ ଲାଗି କମିଟି ଗଠନ କରିବାକୁ ନିଷ୍ପତ୍ତି ହୋଇଛି। ଏହା ବ୍ୟତୀତ ଦର୍ଶନଶାସ୍ତ୍ର, ହିନ୍ଦୀ, ତେଲୁଗୁ ପାଠ୍ୟକ୍ରମରେ ରହିଥିବା ସମସ୍ୟାକୁ ଦୂର କରିବା ସହ ବ୍ୟବସ୍ଥିତ ଢଙ୍ଗରେ ପରିଚାଳନା ପାଇଁ ଉଚ୍ଚଶିକ୍ଷା ବିଭାଗକୁ ପ୍ରସ୍ତାବ ଦିଆଯିବାକୁ ଏଠାରେ କୁହାଯାଇଛି। ସେହିପରି ପୂର୍ବରୁ ମହାବିଦ୍ୟାଳୟ ପାଣ୍ଠିକୁ ବିଭିନ୍ନ କାର୍ଯ୍ୟରେ ଖର୍ଚ୍ଚ କରିବା ପାଇଁ ସରକାରଙ୍କୁ ଅନୁମତି ଲୋଡ଼ାଯିବା ନେଇ ଆଲୋଚନା ହୋଇଥିଲା। ବିଶ୍ୱବିଦ୍ୟାଳୟ ପରିସରରେ ପ୍ରାୟ ୨୪କୋଟି ଟଙ୍କାରେ ହେବାକୁ ଥିବା ୫ମହଲାର ବିଶିଷ୍ଟ ସାଇନ୍ସ ବ୍ଲକ କୋଠା ନିର୍ମାଣ ସମ୍ପର୍କରେ ଆଲୋଚାନ କରାଯାଇଥିଲା। ଉକ୍ତ କୋଠା ମହାବିଦ୍ୟାଳୟର କେଉଁ ସ୍ଥାନରେ ନିର୍ମାଣ କରାଯିବ ସେନେଇ ସିଣ୍ଡିକେଟର ୪ଜଣ ସଦସ୍ୟଙ୍କୁ ନେଇ ଏକ କମିଟି ଗଠନ କରାଯିବ ବୋଲି ନିଷ୍ପତ୍ତି ହୋଇଛି। ଏହା ସହ ସମାବର୍ତ୍ତନ ଉତ୍ସବ ପାଳନ କରିବାକୁ ବୈଠକରେ ନିଷ୍ପତ୍ତି ନିଆଯାଇଛି। ସରକାରଙ୍କ ଅନୁମୋଦନ କ୍ରମେ ଚଳିତବର୍ଷରୁ ବୃତ୍ତିଗତ ପାଠ୍ୟକ୍ରମ(ସେଲ୍ଫ ଫାଇନାନ୍ସ) ନାମଲେଖା ବନ୍ଦ ରହିଛି। ଏହି ପାଠ୍ୟକ୍ରମ ନିମନ୍ତେ ନାମଲେଖା ଆରମ୍ଭ କରିବାକୁ ଛାତ୍ରଛାତ୍ରୀ ଦାବି କରୁଥିବାବେଳେ ଉକ୍ତ ପାଠ୍ୟକ୍ରମରେ ନାମଲେଖା କରାଯିବ ନା ନାହିଁ, ସେ ସମ୍ପର୍କରେ ଉଚ୍ଚଶିକ୍ଷା ବିଭାଗକୁ ଅବଗତ କରାଯିବା ନେଇ କୁଳପତି ଆଶ୍ୱାସନା ଦେଇଛନ୍ତି। ଶିକ୍ଷାନୁଷ୍ଠାନ ଅଧୀନରେ ରହିଥିବା ଖେଳ ପଡ଼ିଆକୁ ସଜାଡ଼ିବା ସହ ସୁରକ୍ଷାକୁ ଦୃଷ୍ଟିରେ ରଖି ସୁରକ୍ଷା କର୍ମୀଙ୍କୁ ନିଯୁକ୍ତି ଦିଆଯିବ ନେଇ ପ୍ରସ୍ତାବ ରହିଛି। ଏହା ସହ ବିଶ୍ୱବିଦ୍ୟାଳୟ ପରୀକ୍ଷା ଫଳାଫଳକୁ ଅନୁମୋଦନ ସହ ଅନ୍ୟାନ୍ୟ ବିଷୟକୁ ନେଇ ସିଣ୍ଡିକେଟ୍ ସଦସ୍ୟମାନେ ଆଲୋଚାନ କରିଥିଲେ। ବିଶ୍ୱବିଦ୍ୟାଳୟରେ ନୂତନ ସିଣ୍ଡିକେଟ ଗଠନ ପରେ ଏହା ପ୍ରଥମ ବୈଠକ ବୋଲି ଜଣାପଡ଼ିଛି। ବୈଠକରେ ସ୍ନାତକତରୋ ପରିଷଦ ଅଧକ୍ଷ ଡ. ମନୋଜ କୁମାର ପଟ୍ଟନାୟକ, କୁଳସଚିବ, ଉପକୁଳ ସଚିବ ପାର୍ବତୀ ମଞ୍ଜରୀ ମହାଳିକ, ଛାତ୍ର କଲ୍ୟାଣ ଅଧିକାରୀ ଡ. ଉଶା ରାଣୀ ରଥଙ୍କ ସମତେ ୧୬ଜଣ ସିଣ୍ଡିକେଟର ସଦସ୍ୟ ଉପସ୍ଥିତ ଥିଲେ।

# ଜଳବାୟୁ ସହନଶୀଳ ଓ ସଶକ୍ତିକରଣ ପ୍ରକଳ୍ପ କର୍ମଶାଳା

ବ୍ରହ୍ମପୁର,୧୩।୮ (ସମିସ): କୃଷି ବିଜ୍ଞାନ କେନ୍ଦ୍ର ବ୍ରହ୍ମପୁର (ଗୋଳନ୍ଥରା) ଆନୁକୂଲ୍ୟରେ ଜଳବାୟୁ ସହନଶୀଳ ଓ ଚିରନ୍ତନ କୃଷିକୁ ନେଇ କ୍ଷୁଦ୍ର ଓ ନାମମାତ୍ର କୃଷକ ସଶକ୍ତି କରଣ ପ୍ରକଳ୍ପ (ରାଇଜ)ର ଜିଲ୍ଲାସ୍ତରୀୟ କର୍ମଶାଳା ଅନୁଷ୍ଠିତ ହୋଇଛି। ଏଥିରେ ସଭାପତିତ୍ୱ କରି କୃଷି ବିଜ୍ଞାନ କେନ୍ଦ୍ରର ମୁଖ୍ୟ ବରିଷ୍ଠ ବୈଜ୍ଞାନିକ ଡ଼. ସୁଜିତ କୁମାର ନାଥ ଜଳବାୟୁ ସହନଶୀଳ ବିଭିନ୍ନ ନୂତନ ବୈଜ୍ଞାନିକ ଜ୍ଞାନକୌଶଳର ପ୍ରୟୋଜନୀୟତାରେ ଏହି ପ୍ରକଳ୍ପ ସାରା ଓଡ଼ିଶା ପାଇଁ ମଡେଲ ସାବ୍ୟସ୍ତ ହେବ ବୋଲି ଆଶା ପ୍ରକାଶ କରିଥିଲେ। ଜିଲ୍ଲା ଉଦ୍ୟାନ କୃଷି ଉପ-ନିର୍ଦ୍ଦେଶକ ଡ଼. କନ୍ଦ ଜେନା କାଜୁ ଚାଷ, ଫୁଲ, ପନିପରିବା ଓ ପ୍ରକ୍ରିୟା କରଣ ଦ୍ୱାରା କୃଷକ ମାନଙ୍କର ଆୟ ଦ୍ୱିଗୁଣିତ ହୋଇପାରିବ ବୋଲି ପ୍ରକାଶ କରିଥିଲେ। ଜିଲ୍ଲା ଜଳଛାୟା ମିଶନର ପ୍ରଦୀପ୍ତ ପଟ୍ଟନାୟକ ଜଳର ସୁବିନିଯୋଗ ଓ ମୃତ୍ତିକା ସୁରକ୍ଷା ସହନଶୀଳ କୃଷିର ମୂଖ୍ୟ ଉପାଦାନ ବୋଲି କହିଥିଲେ। ଉପଖଣ୍ଡ ପଶୁଚିକିତ୍ସା ଅଧିକାରୀ ଡ.ଅରବିନ୍ଦ ବେହେରା ପଶୁପାଳନ କୃଷକ ସମୃଦ୍ଧିର ଅନ୍ୟ ଏକ ଦିଗ ଓ ସରକାରଙ୍କର ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନା, ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନା ଦ୍ୱାରା କୃଷକର ଆୟ ବଢ଼ିପାରିବ ବୋଲି ପ୍ରକାଶ କରିଥିଲେ। ଓଡ଼ିଶା ଜୀବିକା ମିଶନର ଜିଲ୍ଲା ଅଧିକାରୀ ସନ୍ତୋଷ ରଥ ମହିଳାମାନଙ୍କ ସମୃଦ୍ଧିରେ କୃଷିର ବିକାଶ ସମ୍ଭବ ଓ ଏହି ପ୍ରକଳ୍ପ କୃଷିଜୀବୀ ମହିଳା ଉଦ୍ଦେଶ୍ୟରେ କାମ କରିବା ପାଇଁ କହିଥିଲେ। କୃଷି ବିଜ୍ଞାନ କେନ୍ଦ୍ର ଭଞ୍ଜନଗରର ମୁଖ୍ୟ ବୈଜ୍ଞାନିକ ଓ ସୂତନୁ କୁମାର ଶତପଥୀ (ରାଇଜ) ପ୍ରକଳ୍ପ କେବଳ ଗଞ୍ଜାମ ଜିଲ୍ଲା ନୁହେଁ ସାରା ଓଡ଼ିଶା ପାଇଁ ଉଦାହରଣ ହେବ ବୋଲି ପ୍ରକାଶ କରିଥିଲେ।




କର୍ମଶାଳାରେ ଦିଗପହଣ୍ଡି, ଚିକିଟି, ହିଞ୍ଜିଳି ବ୍ଲକର ୭୦ରୁ ଅଧିକ ପୁରୁଷ ମହିଳା କୃଷକଙ୍କ ସହିତ ସ୍ଥାନୀୟ କୃଷକ ଉତ୍ପାଦନ ଗୋଷ୍ଠୀର କର୍ମକର୍ତ୍ତା ଓ ଇଫକୋ କିସାନର ଜିଲ୍ଲା ସଂଯୋଜକ ଆଦି ଯୋଗ ଦେଇଥିଲେ। କାର୍ଯ୍ୟକ୍ରମକୁ କୃଷି ବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକ ସନ୍ଦୀପ ମହାନ୍ତି ପରିଚାଳନା କରିଥିବା ବେଳେ ଡ ଦେବାଶିଷ ଷଡ଼ଙ୍ଗୀ ଓ ସିଦ୍ଧାର୍ଥ ଶଙ୍କର ଦାସ, ସସ୍ମିତା ପ୍ରିୟଦର୍ଶିନୀ, ରବି ଶଙ୍କର ମିଶ୍ର, ଭକ୍ତି ରଂଜନ ପଲାଇ, ସୌଭାଗ୍ୟ ରଂଜନ ଦାସ, ରବି ନାରାୟଣ ମହାପାତ୍ର ସହଯୋଗ କରିଥିଲେ। ପରିବେଶରେ ରାଇଜର ଜିଲ୍ଲା ସଂଯୋଜକ ଶିବାଶିଷ ଦାସ ଧନ୍ୟବାଦ ପ୍ରସ୍ତାବ ଦେଇଥିଲେ।

# ଶାଶୂ ଘର ଆଗରେ ବୋହୂର ଧାରଣା

ବ୍ରହ୍ମପୁର,୧୩।୮ (ସମିସ)

ଶାଶୂ ଘରେ ପ୍ରବେଶ କରିବା ଦାବିରେ ଜଣେ ବୋହୂ ଶାଶୂଘର ଆଗରେ ଧାରଣା ଦେଇଥିବା ଦେଖିବାକୁ ମିଳିଛି। ଏପରିକି କୋର୍ଟଙ୍କ ନିର୍ଦ୍ଦେଶ ପରେ ମଧ୍ୟ ତାଙ୍କ ଶାଶୂଘର ଲୋକେ ଘରେ ପ୍ରବେଶ କରାଇ ଦେଉ ନ ଥିବାରୁ ପରିସ୍ଥିତି ଜଟିଳ ହୋଇପଡ଼ିଛି। ବୋହୂକୁ ତାଙ୍କ ଶାଶୂ ଘରେ ପ୍ରବେଶ କରାଇବାକୁ କୋର୍ଟ ଅର୍ଡର ଧରି ପହଞ୍ଚିଥିବା ଏକାଧିକ ଓକିଲ, ଜିଲ୍ଲା ମହିଳା ଶିଶୁ ଅଧିକାରୀ ଓ ଗୋଷାଣୀନୂଆଗାଁ ପୁଲିସକୁ ମଧ୍ୟ ନିରାଶ ହେବାକୁ ପଡ଼ିଛି। ଶାଶୂଘର ଦ୍ୱାରା ନିର୍ଯାତନାର ଶିକାର ହୋଇଥିବା ମହିଳାଜଣଙ୍କ ହେଲେ ପ୍ରତିତା ପାଢ଼ୀ ଓରଫ ପ୍ରୀତି। ସୂଚନାଯୋଗ୍ୟ, ବ୍ରହ୍ମପୁର ମହିଳା ପ୍ରତିତା କୁମାରୀ ପାଢ଼ୀ ଅରଫ୍ ପ୍ରୀତି ଦୀପ ସାହି ବର୍ମା କଲୋନୀର ରଞ୍ଜନ କୁମାର ପାଢୀକୁ ୨୦୨୩ ଜାନୁଆରୀ ୨୩ରେ ବିବାହ କରିଥିଲେ। ସେହି ସମୟରେ ସେ ଆବଶ୍ରକୀୟ ସାମଗ୍ରୀ ଓ ଘର କରଣା ଆଣିଥିଲେ। ପରମ୍ପରା ଅନୁଯାୟୀ ବିବାହର ୫ ଦିନ ପରେ ପ୍ରୀତିଙ୍କ ଶାଶୂଘର ଲୋକେ ବାପଘରକୁ ଛାଡିଥିଲେ। ୧୫ ଦିନ ପରେ ପ୍ରୀତି ପୁଣି ଶାଶୂଘରକୁ ଫେରିଥିଲେ। ହେଲେ ସେହି ସମୟରେ ତାଙ୍କ ଶାଶୂଘର ଲୋକେ ତାଙ୍କୁ ଘର ଭିତରକୁ ପୂରାଇ ନ ଥିଲେ। ଏହି ଘରଟି ପ୍ରୀତିଙ୍କ ଦେଢ଼ଶାଶୂ ନାମରେ ରହିଛି ତେଣୁ ସେହି ଘରେ ପଶିବାକୁ ଦିଆଯିବ ନାହିଁ ବୋଲି ତାଙ୍କ ଶାଶୂଘର ଲୋକେ କହିଥିଲେ। ଏପରିକି ପ୍ରୀତିଙ୍କ ସ୍ୱାମୀ ରଞ୍ଜନ ମଧ୍ୟ ତାଙ୍କୁ ସହଯୋଗ ନ କରି ବାପା ମାଆଙ୍କ କଥାରେ ପ୍ରୀତିଙ୍କୁ ଗ୍ରହଣ କରି ନ ଥିଲେ। ଫଳରେ ବାଧ ହୋଇ ପ୍ରୀତି ପୁଲିସର ଦ୍ୱାରସ୍ଥ ହୋଇଥିଲେ। ତେବେ କୋର୍ଟଙ୍କ ନିର୍ଦ୍ଦେଶ ଆଣିଲେ ହିଁ ଘରେ ପ୍ରବେଶ କରିବାକୁ ଅନୁମତି ଦିଆଯିବ ବୋଲି ଶାଶୂଘର ଲୋକେ କହିଥିଲେ। ସେହିକ୍ରମରେ ପ୍ରୀତି ନିଜ ଓକିଲ ଅନୁସୟା ନାୟକଙ୍କ ଜରିଆରେ ଶାଶୂଘରେ ପ୍ରବେଶ ଅନୁମତି ପାଇଁ ନିର୍ଦ୍ଦେଶ ଦେବାକୁ ବ୍ରହ୍ମପୁର ଏସ୍‌ଡିଜେଏମଙ୍କ କୋର୍ଟରେ ଆବେଦନ କରିଥିଲେ।

କୋର୍ଟ ପ୍ରୀତିଙ୍କୁ ଶାଶୂ ଘରେ ପ୍ରବେଶ ଅନୁମତି ଦେଇଥିଲେ। ଏଥିରେ ସହଯୋଗ କରିବାକୁ ଗୋଷାଣୀନୂଆଗାଁ ଥାନା ପୁଲିସ ଓ ଜିଲ୍ଲା ମହିଳା ସୁରକ୍ଷା ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସେହିକ୍ରମରେ ଆଜି ପ୍ରୀତି, ତାଙ୍କ ଓକିଲ, ପୁଲିସ ଏବଂ ମହିଳା ସୁରକ୍ଷା ଅଧିକାରୀ ଡି, ନାଗରତ୍ନମ ଦୀପ ସାହିରେ ପହଞ୍ଚି ପ୍ରୀତିଙ୍କୁ ନେଇ ତାଙ୍କ ଶାଶୂ ଘରେ ପହଞ୍ଚିଥିଲେ। ହେଲେ ପ୍ରୀତି ଓ ଅନ୍ୟମାନଙ୍କୁ ଦେଖି ଶାଶୂ ଘର ଲୋକେ ଭିତର ପଟୁ କବାଟ ବନ୍ଦ କରି ରହି ଯାଇଥିଲେ। ପୁଲିସ ଓ ସୁରକ୍ଷା ଅଧିକାରୀମାନେ ଯେତେ ଡାକିଲେ ମଧ୍ୟ କବାଟ ଖୋଲି ନଥିଲେ। କୋର୍ଟ ଜଜ୍‌ର୍ ଆସି କହିଲେ ହିଁ କବାଟ ଖୋଲିବୁ ବୋଲି ଶାଶୂଘର ଲୋକେ କହିଥିଲେ। ଆଜିର ଘଟଣାକୁ ନେଇ ପୁଲିସ ଏବଂ କୋର୍ଟକୁ ଅବଗତ କରାଯିବ ବୋଲି କରାଯିବ ମହିଳା ସୁରକ୍ଷା ଅଧିକାରୀ ନିଜ ପ୍ରତିକ୍ରିୟାରେ କହିଛନ୍ତି। ପ୍ରିତୀଙ୍କ ସ୍ୱାମୀ ରଞ୍ଜନ ଜଣେ ପୂର୍ବତନ ସେନା କର୍ମଚାରୀ ଓ ପୁଲିସ କର୍ମଚାରୀ ହୋଇଥିବା ବେଳେ ବର୍ତ୍ତମାନ ବ୍ରହ୍ମପୁର ବାହାରେ ରହୁଛନ୍ତି। ଆଜି ପ୍ରୀତି ନିଜ ଶାଶୂ ଘରେ ପ୍ରବେଶ କରିବାକୁ ଜିଦ କରିବା ସହ ସେଠାରେ ଧାରଣା ମଧ୍ୟ ଦେଇଥିଲେ।

# ଜାରି ରହିବ ଓଡ଼ିଶା ରାଜସ୍ୱ ଅମଲା ସଂଘର ଆନ୍ଦୋଳନ

ବ୍ରହ୍ମପୁର,୧୩।୮ (ସମିସ)

ବିଭିନ୍ନ ଦାବି ନେଇ ଓଡ଼ିଶା ରାଜସ୍ୱ ଅମଲା ସଂଘ ଆନ୍ଦୋଳନକୁ ଓହ୍ଲାଇଛି। ଏହିକ୍ରମରେ ଗଞ୍ଜାମ ଶାଖା ପକ୍ଷରୁ ବ୍ରହ୍ମପୁର-ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଆନ୍ଦୋଳନ ଜାରି ରହିଛି। ତେବେ ସମୂହ ଛୁଟିରୁ ଓହରିବାକୁ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ଅମଲାଙ୍କୁ ଅପିଲ କରିଛନ୍ତି। ଆନ୍ଦୋଳନରୁ ନ ଓହରିଲେ ଆବଶ୍ୟକ ପଦକ୍ଷେପ ନିଆଯିବ ବୋଲି ସେ ଚେତାବନୀ ଦେଇଛନ୍ତି। ଲୋକଙ୍କ କାମରେ ଅବହେଳା କଲେ ଦରମା ବନ୍ଦ କରିବା ନେଇ ମଧ୍ୟ ସେ କହିଛନ୍ତି। କିନ୍ତୁ ଏହାକୁ ଭୃକ୍ଷେପ କରିନି ସଂଘ। ଗଞ୍ଜାମ ଜିଲ୍ଲାର କର୍ମକର୍ତ୍ତାମାନେ ଦାବିପୂରଣ ହେବା ଯାଏଁ ଆନ୍ଦୋଳନ ଜାରି ରହିବ ବୋଲି କହିଛନ୍ତି। ସମସ୍ୟା ସମାଧାନ ନ ହେବା ଯାଏଁ ରାଜ୍ୟ ସଂଘ ଆନ୍ଦୋଳନ ଜାରି ରଖିବାକୁ ସୂଚନା ଦେଇଥିବା ଜଣାପଡ଼ିଛି। ସମ୍ପ୍ରତି ଓଡ଼ିଶା ରାଜସ୍ୱ ଅମଲା ସଂଘର ଡ଼ାକରାକ୍ରମେ ରାଜସ୍ୱ ବିଭାଗ ଅଧୀନସ୍ଥ ଗଞ୍ଜାମ ଜିଲ୍ଲାର ପ୍ରାୟ ୬୦୦କର୍ମଚାରୀମାନେ ସମୂହ ଛୁଟିରେ ରହିଛନ୍ତି। ଫଳରେ ସରକାରୀ କାର୍ଯ୍ୟାଳୟ ଖାଁ ଖାଁ ରହିଛି। ଲୋକଙ୍କ କାମ ମଧ୍ୟ ବାଧାପ୍ରାପ୍ତ ହେଉଛି। ଅପରପକ୍ଷେ ମୂଳ ଦରମା ଓଆରଏସ ପି- ୨୦୧୭ ନିୟମ ଅନୁଯାଇ ଲେବେଲ-୯କୁ ବୃଦ୍ଧି କରିବା, ନୂତନ ପଦ ସୃଷ୍ଟି ଓ ପଦ ପୁନଃଗଠନ କରିବା, କାର୍ଯ୍ୟରତ ସମସ୍ତ ସରକାରୀ କର୍ମଚାରୀଙ୍କୁ ବାର୍ଷିକ ୨୦ଲକ୍ଷ ଟଙ୍କା ପର୍ଯ୍ୟନ୍ତ ସ୍ୱାସ୍ଥ୍ୟ ବୀମା ଲାଗୁ କରିବା, ମୃତ ସରକାରୀ କର୍ମଚାରୀଙ୍କ ପରିବାରର ଯେକୌଣସି ଜଣେ ସଦସ୍ୟଙ୍କୁ ଯୋଗ୍ୟତା ଭିତ୍ତିରେ ନିଯୁକ୍ତି ପ୍ରଦାନ କରିବା, ଓଡ଼ିଶା ରାଜସ୍ୱ ସେବା ପଦ୍ଧତିରେ ରାଜସ୍ୱ ଅମଲାମାନଙ୍କୁ ଶତ ପ୍ରତିଶତ ପଦୋନ୍ନତି ଦେବା, ନୂତନ ପେନ୍‌ସନ୍ ଯୋଜନାକୁ ରଦ୍ଦ କରିବା, ସମସ୍ତ ସରକାରୀ କର୍ମଚାରୀଙ୍କୁ ପୁରାତନ ପେନ୍‌ସନ୍ ଯୋଜନାରେ ଅନ୍ତର୍ଭୁକ୍ତ କରିବା ପ୍ରମୁଖ ଦାବି ନେଇ ରାଜସ୍ୱ ଅମଲା ସଂଘ ଆନ୍ଦୋଳନ ଡ଼ାକରା ଦେଇଥିବାବେଳେ ସମ୍ପ୍ରତି ରାଜ୍ୟର ବିଭିନ୍ନସ୍ଥାନରେ ଧାରଣା ଜାରି ରହିଛି। ସରକାର ଆଲୋଚନା ପାଇଁ ନ ଡ଼ାକି ଚେତାବନୀ ଦେବା ଦୁର୍ଭାଗ୍ୟଜନକ ବୋଲି ସଂଘ ଗଞ୍ଜାମ ଜିଲ୍ଲା ସଭାପତି ପିଏସ ରଜନୀକାନ୍ତ, ଡି. ଡିଲେଶ୍ୱର ରେ‡ୀ ସୂଚନା ଦେଇଛନ୍ତି। ଅନ୍ୟପକ୍ଷରେ ଓଡ଼ିଶା ରାଜସ୍ୱ ଅମଲା ସଂଘର ଆନ୍ଦୋଳନକୁ ସିପିଏମ ଜିଲ୍ଲା କମିଟି ପକ୍ଷରୁ ପୂର୍ଣ୍ଣ ସମର୍ଥନ କରାଯାଇଛି। ଚାଲିଥିବା ଆନ୍ଦୋଳନ ସମ୍ପୂର୍ଣ୍ଣ ପ୍ରାସଙ୍ଗିକ ଓ ଦାବିଗୁଡିକ ଯଥାର୍ଥ ବୋଲି ଉଲ୍ଲେଖ କରାଯାଇଛି। ରାଜ୍ୟ ସରକାର ଅତିଶୀଘ୍ର ସଂଘ ସହିତ ଆଲୋଚନା କରି ସମସ୍ୟା ଗୁଡିକୁ ସମାଧାନ କରିବା ପାଇଁ ଦାବି କରାଯାଇଛି। ଆନ୍ଦୋଳନ ଯୋଗୁଁ ସାଧାରଣ ଲୋକ ବହୁ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏଥିପାଇଁ ରାଜ୍ୟ ସରକାର ହିଁ ଦାୟୀ ବୋଲି ଜିଲ୍ଲା ସମ୍ପାଦକ ଯୁଧିଷ୍ଠିର ବେହେରା ମତବ୍ୟକ୍ତ କରିଛନ୍ତି।



ସିପିଏମ୍‌ର ସମର୍ଥନ

# ନାବାଳିକାକୁ ଦୁଷ୍କର୍ମ ଅଭିଯୋଗରେ ଯୁବକ ଗିରଫ

ବ୍ରହ୍ମପୁର,୧୩।୮ (ସମିସ)

ଜଣେ ନାବାଳିକାଙ୍କୁ ଅପହରଣ ଓ ଦୁଷ୍କର୍ମ ଅଭିଯୋଗରେ ବଡ଼ ଥାନା ପୁଲିସ ଜଣେ ଯୁବକଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ଯୁବକ ଜଣକ ହେଲେ ପୁରୁଣା ବ୍ରହ୍ମପୁର ଅଞ୍ଚଳର ବାବୁ ବେହେରା ଓରଫ ଟିଙ୍ଗିରା (୨୪)। ପୁଲିସ ଅଭିଯୁକ୍ତ ଓ ପୀଡିତାଙ୍କ ଡାକ୍ତରୀ ପରୀକ୍ଷା କରିବା ସହ ପୀଡ଼ିତାଙ୍କ ବୟାନ ରେକର୍ଡ କରିଥିବା ତଦନ୍ତଧିକାରୀ ତଥା ଏସଆଇ ଅଭିନାଶ ନାୟକ ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ ଯେ, ବଡ଼ବଜାର ଥାନା ଅଞ୍ଚଳର ୧୬ବର୍ଷର ନାବାଳିକାକୁ ଅଭିଯୁକ୍ତ ବାବୁ ବେହେରା ବିବାହର ପ୍ରତିଶ୍ରୁତି ଦେଇ ଦେଢ଼ବର୍ଷ ଶାରୀରିକ ସମ୍ପର୍କ ରଖିଥିଲା। ମାଆ କାମକୁ ଯିବା ପରେ ନାବାଳିକାକୁ ଅଭିଯୁକ୍ତ ଜଣକ ତାଙ୍କ ଘରକୁ ନେଉଥିଲା। ବାରମ୍ବାର ସମ୍ପର୍କ ରଖିବାକୁ ବାଧ ବି କରୁଥିଲା। ଏଥିରେ ନାବାଳିକା ଜଣକ ରାଜି ନ ହେବାରୁ ଅଭିଯୁକ୍ତ ବାବୁ ରାଗି ଯାଇ ନାବାଳିକାକୁ ମାରପିଟ କରିଥିଲା। ଫଳରେ କିଛି ଦିନ କଥା ବାର୍ତ୍ତା ବନ୍ଦ ରହିଲା। ଗତ ୧୧ତାରିଖରେ ନାବାଳିକାଙ୍କ ଭଉଣୀଙ୍କୁ ଅଭିଯୁକ୍ତ ବାବୁ ଆକ୍ରମଣ କରିବାରୁ ସମ୍ପୃକ୍ତ ନାବାଳିକା ଜଣକ ଘଟଣାକୁ ନେଇ ବଡ଼ବଜାର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତି କରି ପୁଲିସ ଦୁଷ୍କର୍ମ, ଅପହରଣ ଓ ହତ୍ୟା ଧମକ ମାମଲା ଭଳି ବିଭିନ୍ନ ଦଫାରେ ମାମଲା ରୁଜୁ କରି ଅଭିଯୁକ୍ତ ବାବୁ ବେହେରାକୁ ଗିରଫ କରି କୋର୍ଟଚାଲାଣ କରିଛି।



## ପୃଥକ୍ ୱାରେଣ୍ଟ ବଳରେ ୨ ଗିରଫ

ବ୍ରହ୍ମପୁର, ୧୩।୮(ସମିସ): ପୃଥକ ୱାରେଣ୍ଟ ବଳରେ ୨ଜଣ ଅଭିଯୁକ୍ତ ଗିରଫ ହୋଇଛନ୍ତି। ଟାଉନ ଥାନା ପୁଲିସ ଗାନ୍ଧୀନଗର ୫ମ ଲାଇନର ବିବେକ ପାଣିଗ୍ରାହୀ ଓରଫ ବାବୁଙ୍କୁ ଗିରଫ କରିଛି। ଅଭିଯୁକ୍ତ ବାବୁ ପୂର୍ବରୁ ଏକ ଡକାୟତି ମାମଲାରେ ଗିରଫ ହୋଇ ଜେଲ ଯାଇଥିଲେ। ପରବର୍ତ୍ତୀ ସମୟରେ ଜାମିନରେ ମୁକୁଳିଥିଲେ ମଧ୍ୟ ଅଦାଲତରେ ବିଚାରଣ ବେଳେ ହାଜର ହୋଇ ନ ଥିଲେ। ତାଙ୍କୁ ବାରମ୍ବାର ନୋଟିସ୍ ପରେ ମଧ୍ୟ ଅଦାଲତରେ ହାଜର ନ ହେବାରୁ ତାଙ୍କ ନାମରେ ଜାମିନ ବିହୀନ ଗିରଫ ପରୱାନା ଜାରି ହୋଇଥିଲା। ସେହି ୱାରେଣ୍ଟ ବଳରେ ଟାଉନ ଥାନା ପୁଲିସ ଅଭିଯୁକ୍ତଙ୍କୁ ବାବୁଙ୍କୁ ଗିରଫ କରିଥିବା ଜଣାପଡ଼ିଛି। ସେହିପରି ଏକ ୱାରେଣ୍ଟ ବଳରେ ବଡ଼ବଜାର ଥାନା ପୁଲିସ ସାଗର ଦାସ ନାମକ ଜଣେ ଯୁବକଙ୍କୁ ଗିରଫ କରିଛି। ୨୦୧୮ ରେ ଏକ ହତ୍ୟା ଉଦ୍ୟମ ମାମଲାରେ ଅଭିଯୁକ୍ତ ଥିବା ସାଗରଙ୍କୁ ସେତେବେଳେ ପୁଲିସ ଗିରଫ କରି ଅଦାଲତ ଚାଲାଣ କରିଥିଲା। ପରେ ବିଚାରଣ ବେଳେ ସେ ଅଦାଲତରେ ହଜାର ହୋଇ ନ ଥିଲେ। ତାଙ୍କ ନାମରେ ଅଦାଲତ ୱାରେଣ୍ଟ ଜାରି ହୋଇଥିଲା। ସେହିକ୍ରମରେ ପୁଲିସ ତାଙ୍କୁ ଆଜି ଗିରଫ କରିଥିବା ଜଣାପଡ଼ିଛି।

## ରୋଗୀଙ୍କ ବେକରୁ ସୁନା ଅଳଙ୍କାର ଚୋରି

ବ୍ରହ୍ମପୁର, ୧୩।୮(ସମିସ): ଜଣେ ରୋଗୀଙ୍କ ବେକରୁ ସୁନା ଅଳଙ୍କାର ଚୋରି ହୋଇଛି। ତେବେ ଏହି ଚୋରି ପଛରେ ଉକ୍ତ ରୋଗୀଙ୍କ ସେବା କରିବାକୁ ନିୟୋଜିତ ଥିବା କେୟାର ଟେକରଙ୍କ ହାତ ରହିଥିବା ସନ୍ଦେହ ଉପୁଜୁଛି। ସୂଚନାପ୍ରକାରେ, ଖୋଡ଼ାସିଂ ଭରତ ବିହାରରେ ରହୁଥିବା ଡ. ରାକେଶ କୁମାର ଲୁଦାନଙ୍କ ମାଆ ଅସୁସ୍ଥ ଥିବାରୁ ତାଙ୍କୁ ସହରର ଏକ ଘରୋଇ ହସ୍‌ପିଟାଲରେ ଭର୍ତ୍ତି କରିଥିଲେ। ତାଙ୍କ ସେବା କରିବାକୁ ଜଣେ କେୟାର ଟେକର ନିୟୋଜିତ ଥିଲେ। ହେଲେ ଚିକିତ୍ସା ଚାଲୁଥିବା ବେଳେ ରାକେଶଙ୍କ ମାଆଙ୍କ ବେକରେ ଥିବା ସୁନା ଚେନ୍‌ଟି ଗାଏବ ହୋଇ ଯାଇଥିବା ସେ ଜାଣିବାକୁ ପାଇଥିଲେ। ଖୋଜାଖୋଜି ପରେ ମଧ୍ୟ ଚେନ୍‌ଟି ମିଳି ନ ଥିଲା। ଘଟଣାକୁ ନେଇ ରାକେଶ ଥାନାରେ ଅଭିଯୋଗ କରିବା ପରେ ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

## ଲାଞ୍ଚ ନେଇ ଦୁଇ ସ୍ୱାସ୍ଥ୍ୟ କର୍ମଚାରୀ ଗିରଫ

ପାରଳାଖେମୁଣ୍ଡି, ୧୩।୮(ସମିସ): ପାରଳାଖେମୁଣ୍ଡିର ସିଡିଏମଓ କାର୍ଯ୍ୟାଳୟର କିରାଣି ଜଗଦୀଶ ପଟ୍ଟନାୟକ ଏବଂ ପିଅନ ନିରଞ୍ଜନ ନାୟକଙ୍କୁ ଭିଜିଲାନ୍ସ ଗିରଫ କରିଛି। ଜଣେ ଯୁବ ଡାକ୍ତରଙ୍କ ଠାରୁ ଫାଇଲ୍ ପ୍ରକ୍ରିୟାକରଣ ଏବଂ ତାଙ୍କ ସପକ୍ଷରେ ଚୁକ୍ତିଭିତ୍ତିକ ଡାକ୍ତର ଭାବରେ ନିଯୁକ୍ତିପତ୍ର ପ୍ରଦାନ କରିବା ପାଇଁ ୨୫ ହଜାର ଟଙ୍କା ଲାଞ୍ଚ ନେଇଥିଲେ। ଅଭିଯୁକ୍ତ ଦୁହେଁ ନିଯୁକ୍ତିପତ୍ର ପ୍ରଦାନ କରିବାକୁ ଆବେଦନ କରିଥିବା ଅନୁରୋଧକୁ ଗ୍ରହଣ କରି ନ ଥିଲେ। ତାଙ୍କୁ ନିଯୁକ୍ତିପତ୍ର ପ୍ରଦାନ କରିବା ପାଇଁ ଦୁଇଜଣ ୨୫ ହଜାର ଟଙ୍କା ଲାଞ୍ଚ ଦାବି କରିଥିଲେ। ଅଭିଯୋଗକାରୀ ଯୁବଡାକ୍ତର ଘଟଣାକୁ ନେଇ ଭିଜିଲାନ୍ସ କର୍ତ୍ତୃପକ୍ଷଙ୍କ ସହ ଯୋଗାଯୋଗ କରି ଅଭିଯୋଗ କରିଥିଲେ। ଅଭିଯୋଗ ପାଇବା ପରେ, ଭିଜିଲାନ୍ସ ଅଧିକାରୀ ଆଜି ଅଭିଯୋଗକାରୀଙ୍କ ଠାରୁ ୨୫ ହଜାର ଟଙ୍କା ଲାଞ୍ଚ ନେଉଥିବା ସମୟରେ ଗିରଫ କରିଥିଲା। ଅଭିଯୁକ୍ତଙ୍କ ଠାରୁ ସମସ୍ତ ଲାଞ୍ଚ ଟଙ୍କା ଭିଜିଲାନ୍ସ ଜବତ କରିଛି। ଏ ନେଇ ବ୍ରହ୍ମପୁର ଭିଜିଲାନ୍ସ ମାମଲା ରୁଜୁ କରି ଭିଜିଲାନ୍ସ କିରାଣି ଶ୍ରୀ ପଟ୍ଟନାୟକଙ୍କ ସହ ଜଡିତ ଦୁଇଟି ସ୍ଥାନରେ ଏକକାଳୀନ ତଲାସି ଜାରି ରଖିଛି। କିରାଣି ଶ୍ରୀ ପଟ୍ଟନାୟକଙ୍କ ସରକାରୀ କ୍ୱାର୍ଟର୍ସ ଏବଂ ତାଙ୍କ କାର୍ଯ୍ୟାଳୟ ପ୍ରକୋଷ୍ଠରେ ଏକକାଳୀନ ତଲାସୀ ସମୟରେ କାର୍ଯ୍ୟାଳୟ ଟେବୁଲ ଡ୍ରୟରରୁ ନଗଦ ୫, ୧୯, ୭୦୦ ଟଙ୍କା ଜବତ କରିଛି ଭିଜିଲାନ୍ସ।

## କୃଷକଙ୍କ ପାଇଁ ମେଡିକାଲରେ ସ୍ୱତନ୍ତ୍ର କାଉଣ୍ଟର ଦାବି

ଗଞ୍ଜାମ, ୧୩।୮ (ସମିସ): ଗଞ୍ଜାମ ବ୍ଲକ ଏକ କୃଷି ପ୍ରଧାନ ବ୍ଲକ ଭାବେ ପରିଚିତ। ଉକ୍ତ ବ୍ଲକର ବିଭିନ୍ନ ଗ୍ରାମରେ ଲେକେ ଚାଷବାସ ଉପରେ ଜୀବିକା ନିର୍ବାହ କରି ଜୀବିକା ନିର୍ବାହ କରିଥାନ୍ତି। ବିଶେଷକରି ସାନ ରାମଚାନ୍ଦ୍ରପୁର, ଝାରେଡି ରାଧାଗୋବିନ୍ଦପୁର ପଞ୍ଚାୟତରେ ୯୦ ପ୍ରତିଶତ ଲୋକ ମାଟି ସହ ମାଟି ହୋଇ ସୁନା ଫଳାଇଥାନ୍ତି। ଦିନ ସାରା ଚାଷ କାର୍ଯ୍ୟରେ ବ୍ୟସ୍ତ ରହି ସ୍ୱାସ୍ଥ୍ୟଗତ ସମସ୍ୟାକୁ ନେଇ ମେଡ଼ିକାଲ ଗଲେ ଲମ୍ବା ଲାଇନରେ ଦିନ ତମାମ ସମୟ ଦେବାକୁ ପଡ଼ିଥାଏ। ଯାହାକୁ ନେଇ ଚାଷୀକୁଳଙ୍କ ପାଇଁ ମେଡିକାଲ ବ୍ୟବସ୍ଥାରେ ସୁଧାର ଆଣିବା ପାଇଁ ସିପକୁଦା ଗ୍ରାମର ଚାଷୀ ହେମନ୍ତ ନାହାକ ସ୍ୱାସ୍ଥ୍ୟ ମନ୍ତ୍ରୀଙ୍କୁ ପତ୍ର ମାଧ୍ୟମରେ ସ୍ୱତନ୍ତ୍ର ବ୍ୟବସ୍ଥା ସହ ଏକ ସ୍ୱତନ୍ତ୍ର କାଉଣ୍ଟର ଖୋଲିବା ପାଇଁ ଅନୁରୋଧ କରିଛନ୍ତି।

## ଜି.ଉଦୟଗିରିରେ ତ୍ରିରଙ୍ଗା ଶୋଭାଯାତ୍ରା

ଜି.ଉଦୟଗିରି, ୧୩।୮ (ସମିସ): କନ୍ଧମାଳ ଜିଲ୍ଲା ଜି.ଉଦୟଗିରିରେ ବ୍ଲକସ୍ତରୀୟ ତ୍ରିରଙ୍ଗା ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ବ୍ଲକର ସମସ୍ତ ସ୍କୁଲ କଲେଜ ଛାତ୍ରଛାତ୍ରୀ ଏଥିରେ ସାମିଲ ହୋଇଥିଲେ। କାର୍ଯ୍ୟକ୍ରମରେ କଳିଙ୍ଗ ମହାବିଦ୍ୟାଳୟ, ଇନ୍ଦିରା ପ୍ରିୟଦର୍ଶିନୀ ଉଚ୍ଚ ମାଧ୍ୟମିକ ମହିଳା ବିଦ୍ୟାଳୟ, ସରକାରୀ ବାଳିକା ଉଚ୍ଚବିଦ୍ୟାଳୟ, ପି ଏମ ଶ୍ରୀ ହବାକ୍ ଉଚ୍ଚବିଦ୍ୟାଳୟ, ସ୍ୱାମୀ ବିବେକାନନ୍ଦ ଶିକ୍ଷା କେନ୍ଦ୍ର, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଛାତ୍ରୀଛାତ୍ର ଜାତୀୟ ପତାକା ଧରି ସହର ପରିକ୍ରମା କରିଥିଲେ।

### ରାଜ୍ୟରେ ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା ନେଇ ଗର୍ଜିଲା ଛାତ୍ର ବିଜେଡି

# ପୁଲିସ ଡିଜିଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ






ଦିଗପହଣ୍ଡି, ୧୩।୮ (ସମିସ)

ରାଜ୍ୟରେ ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା ଯୋଗୁଁ ଦିନକୁ ଦିନ ନାରୀ ନିର୍ଯାତନା, ଗଣଦୁଷ୍କର୍ମ ଏବଂ କଲେଜ କ୍ୟାମ୍ପସ ମାନଙ୍କରେ ଛାତ୍ରୀଙ୍କ ଉପରେ ହେଉଥିବା ଅତ୍ୟାଚାର ପ୍ରତିବାଦରେ ବୁଧବାର ଦିଗପହଣ୍ଡି ନିର୍ବାଚନ ମଣ୍ଡଳୀ ବିଜୁ ଛାତ୍ର ଜନତା ଦଳ ପକ୍ଷରୁ ପ୍ରତିବାଦ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ଛାତ୍ର ବିଜେଡି ଗଞ୍ଜାମ ଜିଲ୍ଲା ସଭାପତି ପ୍ରଶାନ୍ତ କୁମାର ପଣ୍ଡାଙ୍କ ନେତୃତ୍ୱରେ ଜିଲ୍ଲା ଉପସଭାପତି ଗଣେଶ ରେଡ୍ଡୀ, ରାଜ୍ୟ ସମ୍ପାଦକ ସୁନୀଲ ମହାଙ୍କୁଡ଼, ଜିଲ୍ଲା ସାଧାରଣ ସମ୍ପାଦକ ପିଙ୍କୁ ଘଡ଼େଇ, ଜିଲ୍ଲା ଯୁବ ବିଜେଡି ସାଧାରଣ ସମ୍ପାଦକ ତଥା କାଉନସିଲର ନୀଳମାଧବ ଗୌଡ଼, ଛାତ୍ର ବିଜେଡି ବ୍ଲକ ସଭାପତି ବିପ୍ଳବ ମିଶ୍ର, ନଗର ବିଜେଡି ସଭାପତି ତାରାପ୍ରସାଦ ପଟ୍ଟନାୟକ, କର୍ମକର୍ତ୍ତା ସୁଶୀଲ ବିଷୋୟୀ, ପୂର୍ବତନ କାଉନସିଲର ନିରୁପମା ପଟ୍ଟନାୟକ, ଶିବଲକ୍ଷ୍ମୀ ପଟ୍ଟନାୟକ, ସୁନୀଲ ବିଷୋୟୀ, ଜଗନ୍ନାଥ ପ୍ରଧାନ, ହରିଶ୍ଚନ୍ଦ୍ର ପାତ୍ର, ସମୀର ସ୍ୱାଇଁ, ନିଗମ ପଣ୍ଡା, କୃଷ୍ଣଚନ୍ଦ୍ର ସେଠୀ, ରାମେଶ୍ୱର ପାଣିଗ୍ରାହୀଙ୍କ ସମେତ ବହୁ ସଂଖ୍ୟକ ଛାତ୍ର ସ୍ଥାନୀୟ ନୂଆ ବସଷ୍ଟାଣ୍ଡ ସ୍ଥିତ ବିଜେଡି କାର୍ଯ୍ୟାଳୟରୁ ଶୋଭାଯାତ୍ରାରେ ବାହାରି ଦିଗପହଣ୍ଡି ଥାନାରେ ପହଞ୍ଚିଥିଲେ। ରାଜ୍ୟରେ ମହିଳା ଓ ଛାତ୍ରୀମାନେ ଅସୁରକ୍ଷିତ ରହିଥିବା ବେଳେ ସରକାର କିଭଳି ନିରବଦ୍ରଷ୍ଟା ସାଜିଥିବା ସହ ଅପରାଧୀଙ୍କ ଉପରେ ତ୍ୱରିତ କାର୍ଯ୍ୟାନୁଷ୍ଠାନ ନିଆଯାଉନଥିବା ପ୍ରତିବାଦରେ ବିକ୍ଷୋଭ ପ୍ରଦର୍ଶନ ସହ ସ୍ଲୋଗାନ ଦେଇଥିଲେ। ବିଜେଡି ତରଫରୁ ରାଜ୍ୟ ପୁଲିସ ଡିଜିଙ୍କ ଉଦ୍ଦେଶ୍ୟରେ ଦିଗପହଣ୍ଡି ଥାନା ଆଇଆଇସି ତଥା ଡିଏସପି ପ୍ରଶାନ୍ତ କୁମାର ପାତ୍ରଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା।

**ବେଲଗୁଣ୍ଠା:** ସୋରଡ଼ା ନିର୍ବାଚନମଣ୍ଡଳୀର ବିଜୁ ଛାତ୍ର ଜନତା ଦଳ ତରଫରୁ ରାଜ୍ୟରେ ମହିଳା ଏବଂ ଛାତ୍ରଛାତ୍ରୀଙ୍କ ସୁରକ୍ଷା ଯୋଗାଇ ଦେବା ପାଇଁ ଡିଜିପିଙ୍କ ଉଦ୍ଦେଶ୍ୟରେ ବେଲଗୁଣ୍ଠା ଥାନାରେ ଛାତ୍ରଛାତ୍ରୀମାନଙ୍କ ସହ ବିଜେଡିର କାର୍ଯ୍ୟକର୍ତ୍ତାମାନେ ପ୍ଲାକାର୍ଡ ଧରି ସ୍ଲୋଗାନ ଦେଇ ମେଡିକାଲ ଛକ ନିକଟରୁ ଶୋଭାଯାତ୍ରାରେ ବାହାରି ଥାନାରେ ପହଞ୍ଚିଥିଲେ। ଥାନା ଅଧିକାରୀଙ୍କୁ ଚାରି ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ କରିଥିଲେ। ଏଥିରେ ସୋରଡ଼ାର ପୂର୍ବତନ ବିଧାୟକ ତଥା ରାଜ୍ୟ ବିଜେଡି ସାଧାରଣ ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ, ବେଲଗୁଣ୍ଠା ବ୍ଲକ ଅଧ୍ୟକ୍ଷା ମମତା ଭୋଳ, ଏନ୍‌ଏସି ଅଧ୍ୟକ୍ଷ ଫିରୋଜ ସେଠୀ, ବରିଷ୍ଠ ବିଜେଡି ନେତା ଭଗବାନ ପଣ୍ଡା, ପ୍ରଶାନ୍ତ ସାହୁ, ପଞ୍ଚାନନ ସାମଲ, ସତ୍ୟନାରାୟଣ ମହାପାତ୍ର, ସନତ୍ କୁମାର ସୁବୁଦ୍ଧି, ବ୍ଲକ ବିଜେଡି ସଭାପତି ଏସ ରାମେଶ୍ୱର ପାତ୍ର, ଯୁବ ସଭାପତି ଶିବରାମ ରାଉତ, ଛାତ୍ର ସଭାପତି ଗୁରୁ ପ୍ରସାଦ ପରିଡ଼ା, କାଉନସିଲର୍ ଭାସ୍କର ପାତ୍ର, ପ୍ରଦୀପ କୁମାର ସେଠୀ, ଦିଲ୍ଲୀପ୍ କୁମାର ଆଚାରୀ, ବିଶ୍ୱନାଥ ଦଳାଇ, କାଉନସିଲର୍ ପ୍ରତିନିଧି ରଞ୍ଜିତ୍ କୁମାର ସାମଲ୍, ଜିତେନ୍ଦ୍ର ସୁବୁଦ୍ଧି, ଚିଦାନନ୍ଦ ପାତ୍ର, ସନ୍ତୋଷ କୁମାର ସ୍ୱାଇଁ, ସମିତି ସଭ୍ୟ ସୁଧାଂଶୁ ଶେଖର ପୋଲାଇଙ୍କ ସମେତ ବହୁ କାର୍ଯ୍ୟକର୍ତ୍ତା ଯୋଗ ଦେଇଥିଲେ।

## ନିଷ୍ଟ ବିଶ୍ୱବିଦ୍ୟାଳୟରେ ନବାଗତ ଛାତ୍ରଛାତ୍ରୀଙ୍କୁ ସ୍ୱାଗତ




ବ୍ରହ୍ମପୁର, ୧୩।୮(ସମିସ): ନିଷ୍ଟ ବିଶ୍ୱବିଦ୍ୟାଳୟ ପରିସରରେ ନବାଗତ ଛାତ୍ରଛାତ୍ରୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଏ ଅବସରରେ ନିଷ୍ଟ ପ୍ରତିଷ୍ଠାତା ତଥା ସଭାପତି ଡ. ସୁକାନ୍ତ କେ. ମହାପାତ୍ର, କୁଳପତି ଡ. ପ୍ରିୟଦର୍ଶନ ପାତ୍ର, ଏକାଡେମିକ୍ ଡିନ୍ ଡ. ପି. ରାଜେଶ କୁମାର, ଭାରପ୍ରାପ୍ତ କୁଳସଚିବ ଡ. ବିଷ୍ଣୁକର ନାୟକ ମଞ୍ଚାସୀନ ଥିଲେ। ପ୍ରତିଷ୍ଠାତା ତଥା ସଭାପତି ବିଶ୍ୱସ୍ତରୀୟ ନବସୃଜନ କେନ୍ଦ୍ର ବିଷୟରେ ବିସ୍ତୃତ ଭାବରେ ବର୍ଣ୍ଣନା କରିଥିଲେ। କୁଳପତି କହିଛନ୍ତି ଯେ, ବିଭିନ୍ନ ବିଭାଗର ଛାତ୍ରଛାତ୍ର ସ୍ୱାଗତ ସମ୍ବର୍ଦ୍ଧନା ଜଣାଇ ବିଶ୍ୱବିଦ୍ୟାଳୟର ଉଚ୍ଚକୋଟୀର ଶିକ୍ଷା ସହ ମୂଲ୍ୟବୋଧ ଓ ନିଜ ନିଜ ଭବିଷ୍ୟତ ଗଠନ ଉପରେ ଉପଦେଶ ଦିଆଯିବ। ଏକାଡେମିକ ଡିନ କହିଥିଲେ ଯେ ଆମେ ଶିକ୍ଷାଗତ ବିକାଶ ଉପରେ ଧ୍ୟାନ ଦେବୁ। ଡ. ଆକାଂକ୍ଷା ପଟ୍ଟନାୟକ ସଭା ପରିଚାଳନା କରିଥିବାବେଳେ ପରୀକ୍ଷା ସମ୍ବନ୍ଧୀୟ ତଥ୍ୟ ଉପସ୍ଥାପନ କରିଥିଲେ। ପରୀକ୍ଷା କେନ୍ଦ୍ର ମୁଖ୍ୟ ପରିଚାଳକ ପ୍ର. ସ୍ୱାଧୀନ ମିଶ୍ର, ହଷ୍ଟେଲ ସୁପରିଟେଣ୍ଡେଣ୍ଟ ଡ଼. ସସ୍ମିତା ପାଢ଼ୀ ହଷ୍ଟେଲର ନିୟମାବଳୀ ସମ୍ପର୍କରେ ସୂଚନା ଦେଇଥିଲେ। ଡିନ୍ କ୍ୟାରିୟର ଆଣ୍ଡ ଡେଭଲପମେଣ୍ଟ ଶୌନକ ବିଶ୍ୱାସ କ୍ୟାରିୟର ଡେଭଲପମେଣ୍ଟ ଓ ପ୍ଲେସମେଣ୍ଟ ପରିସଙ୍ଖ୍ୟାନ ସମ୍ପର୍କରେ ଦକ୍ଷତା ପ୍ରଦାନ ଉପରେ ବିବରଣୀ ରଖିଥିଲେ। ଆଡମିଶନ୍ ଡିନ୍ ଆଶିଷ ମହାନ୍ତି ଛାତ୍ରଛାତ୍ରୀ ମାନଙ୍କୁ ଇଣ୍ଟର୍ଣ୍ଣସିପ, ସେମିନାରରେ ସମୟ ଅତିବାହିତ କରି ଇଣ୍ଡଷ୍ଟ୍ରି ପାଇଁ ନିଜକୁ ପ୍ରସ୍ତୁତ କରିବାକୁ ଉପଦେଶ ଦେଇଥିଲେ। ଆସୋସିଏଟ୍ ଡିନ୍ ଛାତ୍ର ବ୍ୟାପାର ଡ଼. ପ୍ରୀତି ରଞ୍ଜନ ସାହୁ କହିଥିଲେ ଯେ, ନିଷ୍ଟ ବିଶ୍ୱବିଦ୍ୟାଳୟରେ ଶୃଙ୍ଖଳା ଏକ ମୁଖ୍ୟ ମୂଲ୍ୟବୋଧ ଏବଂ ଛାତ୍ର ଛାତ୍ରୀମାନେ ଆପଣଙ୍କ ଯାତ୍ରା ସମୟରେ ଏହାକୁ ବଜାୟ ରଖନ୍ତୁ। ଏମବିଏ ଛାତ୍ରୀ ଗରିମା ପାଣିଗ୍ରାହୀ, ଏମସିଏ ଛାତ୍ରୀ ଏ. ଦୀପିକା ଛାତ୍ରଛାତ୍ରୀ ମାନଙ୍କୁ ଅନୁଷ୍ଠାନର ପାଠ୍ୟଶୈଳୀ, ଶୃଙ୍ଖଳା, ବିଭିନ୍ନ କ୍ଲବ୍ କାର୍ଯ୍ୟକଳାପ ଏବଂ ଅଧ୍ୟାପକଙ୍କ ଶିକ୍ଷା ସମ୍ପର୍କରେ ଜଣାଇଥିଲେ। କୁଳସଚିବ ଡ଼. ବିଷ୍ଣୁଙ୍କର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ଏଥିରେ ଡ. ସିମାଞ୍ଚଳ ପାଣିଗ୍ରାହୀ, ଡ. ବ୍ରଜକିଶୋର ମିଶ୍ର, ଡ. ରାଜେଶ କୁମାର ପାଟଜୋଷୀ, ଡ. ସବ୍ୟସାଚୀ ରଥ, ଏମସିଏ ବ୍ୟାଚ୍ ସଂଯୋଜକ ଡ. ପ୍ରଦୀପ କୁମାର ଜେନା, ଏମବିଏ ବ୍ୟାଚ୍ ସଂଯୋଜକ ଡ. ଅମରନାଥ ପାଢ଼ୀ, ଡ. ଅମିତ ପଟ୍ଟନାୟକ, ଡ. ଦୁର୍ଯ୍ୟୋଧନ ସାହୁ, ଡ. ଭାସ୍କର ଭୋଳ, ଡ. ସୁବ୍ରତ କୁମାର ସାହୁ, ଡ଼. ସୋରେନ ମିଶ୍ର, ଡ଼. ବରଦା ପ୍ରସାଦ ସେଠି, ଡ଼ ମାନବେନ୍ଦ୍ର ପାତ୍ର, ଡ଼. ସୁମନ୍ତ କୁମାର ପଟନାୟକ, ଡ. ସଞ୍ଜିତ କୁମାର ଆଚାର୍ଯ୍ୟ, ଡ. ଏମ୍ ରାଜେନ୍ଦ୍ର କୁମାର, ପ୍ର. ଦୁର୍ଗାମାଧବ ପାଢ଼ୀ, ପିତାମ୍ବର ସାହୁ, ସନ୍ତୋଷ କୁମାର ନାୟକ, ପ୍ର. ସରୋଜ କୁମାର ପାଢ଼ୀ, ଟି କିରଣ ରେଡୀ, ପି. ପୁଷ୍ପା, ପ୍ର. ଅଚ୍ୟୁତାନନ୍ଦ ପରିଡ଼ା, ପ୍ର. ସୂର୍ଯ୍ୟନାରାୟଣ ପାତ୍ର, ସୁରେଶ ମହାପାତ୍ର, ସଚିନ୍ଦ୍ର ମହାପାତ୍ର, ଗୋପବନ୍ଧୁ ଉତରକବାଟ, ସୁନୀଲ ରାୟ, ଚିନି ନରେଶ, ବାସୁଦେବ ପାଢ଼ୀ ବିଭିନ୍ନ ଦାୟିତ୍ୱ ନିର୍ବାହ କରିଥିଲେ।

## ଦେଶୀମଦ ଜବତ, ଜଣେ ଗିରଫ

ବେଲଗୁଣ୍ଠା, ୧୩।୮ (ସମିସ): ବେଆଇନ୍ ଦେଶୀମଦ କାରବାର ଅଭିଯୋଗରେ ପୁଲିସ ଜଣଙ୍କୁ କୋର୍ଟଚାଲାଣ କରିଛି। ମଙ୍ଗଳବାର ରାତିରେ ବେଲଗୁଣ୍ଠା ଥାନା ଏଏସ୍‌ଆଇ ପ୍ରମୋଦ କୁମାର ଚାଟି ନିଜ ଟିମ୍ ସହିତ ବେଲଗୁଣ୍ଠା ଥାନା ଅଞ୍ଚଳରେ ପାଟ୍ରୋଲିଂ କରୁଥିବା ସମୟରେ ଡିମ୍ବିରିପଲ୍ଲୀ ଛକ ନିକଟରେ ବେଆଇନ୍ ଦେଶୀମଦ ବିକ୍ରି ହେଉଥିବା ବିଶେଷ ସୂତ୍ରରୁ ଖବର ପାଇଥିଲେ। ପୁଲିସ୍ ଟିମ୍ ଘଟଣା ସ୍ଥଳରେ ପହଞ୍ଚି ଘୁ ନୁଆଁଗାଆଁ ହରିଜନ ସାହିର କାଳିଆ ନାଇକ(୩୨) ନିଜ ଘର ବାଡ଼ି ପଟେ ଦେଶୀମଦ ବିକୁଥିବା ଜାଣିବାକୁ ପାଇଥିଲେ। ପୁଲିସ୍ ସେଠାରୁ କାଳିଆକୁ ଗିରଫ କରିବା ସହିତ ଦୁଇଟି ୩୦ ଲିଟର୍ ଦେଶୀମଦ ଥିବା ଦୁଇଟି ବ୍ୟାରେଲ ଜବତ କରିଥିଲେ। ଏନେଇ ବେଲଗୁଣ୍ଠା ଥାନାରେ ଏକ ମାମଲା ରୁଜୁ କରାଯିବା ସହିତ ଅଭିଯୁକ୍ତ କାଳିଆକୁ କୋର୍ଟଚାଲାଣ କରାଯାଇଥିବା ବେଲଗୁଣ୍ଠା ଥାନା ଅଧିକାରୀ ରେବତୀ ଶବର କହିଛନ୍ତି।

## କାର୍ ଧକ୍କାରେ ବାଇକ୍ ଚାଳକ ଗୁରୁତର

ଦିଗପହଣ୍ଡି, ୧୩।୮(ସମିସ): ଦିଗପହଣ୍ଡି - ବ୍ରହ୍ମପୁର ୧୭ନଂ ରାଜ୍ୟ ରାଜପଥର ଖେମୁଣ୍ଡି କାଲୁଆ ଛକଠାରେ ବୁଧବାର ଏକ କାର୍ ଧକ୍କାରେ ଜଣେ ବାଇକ୍ ଚାଳକ ଗୁରୁତର ହୋଇଛନ୍ତି। ଗୁରୁତର ଜଣକ ହେଲେ ଦିଗପହଣ୍ଡି ଥାନା ସିଦ୍ଧେଶ୍ୱର ପଞ୍ଚାୟତ ଗୋପାଳପୁର ଗ୍ରାମର ଉଦୟନାଥ ସ୍ୱାଇଁଙ୍କ ଏକମାତ୍ର ପୁଅ ଜଗନ କୁମାର ସ୍ୱାଇଁ (୨୩)। ଦୁର୍ଘଟଣା ପରେ ଉତ୍ତେଜିତ ଲୋକେ ରାସ୍ତା ଅବରୋଧ କରିଥିଲେ। ଫଳରେ ବ୍ରହ୍ମପୁର - ରାୟଗଡ଼ା - କୋରାପୁଟ - ମାଲକାନାଗିରି ଜିଲାକୁ ଯାଉଥିବା ଗାଡ଼ି ଅଟକି ରହିଥିଲା। ଜଗନ ନିଜ ବାଇକରେ ମାଆ ସୁଦକ୍ଷା ସ୍ୱାଇଁଙ୍କୁ ଆଣିବା ନିମନ୍ତେ ଗଣିଆନାଳ ଛକକୁ ଯାଉଥିଲେ। ଏହି ସମୟରେ ବ୍ରହ୍ମପୁର ଅଞ୍ଚଳର ୩ ଯୁବକ ଏକ କାର୍ ରେ ମା’ନିଜ ବାଙ୍କେଶ୍ୱରୀ ପୀଠକୁ ଏକ ଭୋଜି କାର୍ଯ୍ୟରେ ଯୋଗଦେବା ପାଇଁ ଦ୍ରୁତ ଗତିରେ ଯିବା ବାଟରେ ଜଗନଙ୍କ ବାଇକ୍‌କୁ ଧକ୍କା ଦେଇଥିଲେ। ପ୍ରାଥମିକ ଚିକିତ୍ସା ପରେ ଅବସ୍ଥା ସଂକଟାପନ୍ନ ଥିବାରୁ ତାଙ୍କୁ ଭୁବନେଶ୍ୱର ସ୍ଥିତ ଏମ୍ସକୁ ସ୍ଥାନାନ୍ତରିତ କରାଯାଇଛି। ଅପରପକ୍ଷରେ ଉତ୍ତ୍ୟକ୍ତ ଲୋକେ କାର୍‌ରେ ଥିବା ୩ ଯୁବକଙ୍କୁ କାବୁ କରି ଦିଗପହଣ୍ଡି ପୁଲିସରେ ଜିମା ଦେବା ସହ କ୍ଷତିପୂରଣ ଦାବିରେ ରାସ୍ତାରୋକ କରିଥିଲେ। ଦିଗପହଣ୍ଡି ପୁଲିସ ଓ ଚିକିଟି ଏସଡିପିଓ ବିଶ୍ୱାମିତ୍ର ହରପାଲ ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାସୁଝା କରିବା ପରେ ରାସ୍ତା ଅବରୋଧ ହଟିଥିଲା। ପୁଲିସ ଦୁର୍ଘଟଣାଗ୍ରସ୍ତ ଦୁଇଟି ଗାଡ଼ି ଜବତ କରି ଥାନାକୁ ନେଇଛନ୍ତି। ସ୍ଥାନୀୟ ସରପଞ୍ଚ ବିଜୟ ପ୍ରଧାନ ଏବଂ ସମିତି ସଭ୍ୟ ପ୍ରତିନିଧି ବାବୁନି ପ୍ରଧାନଙ୍କ ସମେତ ପରିବାର ଲୋକେ ଦିଗପହଣ୍ଡି ଥାନାରେ ପହଞ୍ଚି ଏତଲା ଦେଇଛନ୍ତି।

## ସାପ କାମୁଡ଼ାରେ ଯୁବକ ମୃତ

ଧରାକୋଟ, ୧୩।୮(ସମିସ): ଧରାକୋଟ ବ୍ଲକର ମୁଣ୍ଡମରାଇ ପଞ୍ଚାୟତର ସୁନ୍ଦରାପଲି ଗ୍ରାମର ରବୀନ୍ଦ୍ର ସାହୁଙ୍କ ପୁଅ ବଳରାମ ସାହୁ ଓରଫ ବଳିଆ(୨୫)ଙ୍କର ସାପ କାମୁଡାରେ ମୃତ୍ୟୁ ଘଟିଛି। ବଳରାମ ଗତ ମଙ୍ଗଳବାର ଦିନ ନିଜ ସମ୍ପର୍କୀୟଙ୍କ ଗ୍ରାମ ମାଣିକପୁର ନିକଟସ୍ଥ ଦୁର୍ଗାମାଧବପୁରକୁ ଯାଇଥିବା ବେଳେ ସେଠାରେ ରାତିରେ ସୋଇଥିବା ଅବସ୍ଥାରେ ବିଷାକ୍ତ ସାପ କାମୁଡି ଦେଇଥିଲା। ଘର ଲୋକେ ତାଙ୍କୁ ତୁରନ୍ତ ଅସିକା ମେଡିକାଲକୁ ନେଇଥିଲେ। ସେଠାରୁ ତାଙ୍କୁ ଅଧିକ ଚିକିତ୍ସା ପାଇଁ ବ୍ରହ୍ମପୁର ବଡ ମେଡିକାଲକୁ ନିଆଯାଇଥିଲା। ତେବେ ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି। ପୁଲିସ ଶବ ଜବତ କରିବା ସହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

## ବିଦ୍ୟୁତ୍ ଆଘାତରେ ଜଣେ ମୃତ

ବେଲଗୁଣ୍ଠା, ୧୩।୮ (ସମିସ): ବେଲଗୁଣ୍ଠା ବ୍ଲକ ଅଧୀନ ପାଲକଷଣ୍ଢ଼ୀ ଗ୍ରାମରେ ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକଙ୍କ ଭାଇ ଯୁଗଳ ନାଇକ (୨୭)ଙ୍କ ଏତାଲା ଅନୁସାରେ ବୁଧବାର ପୂର୍ବାହ୍ନରେ ତାଙ୍କ ସାନ ଭାଇ ରାଜୀବ ନାଇକ (୨୩) ଗ୍ରାମର ସନ୍ନ୍ୟାସୀ ଗୌଡ଼ଙ୍କ ଛାତ ଉପରେ କାମ କରୁଥିବା ବେଳେ ଛାତ ଉପରେ ଯାଇଥିବା ୧୧ କେଭି ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଛାତ ଉପରୁ ପଡ଼ିଯାଇଥିଲେ। ତାଙ୍କୁ ଭଞ୍ଜନଗର ମେଡିକାଲ୍‌ରେ ଭର୍ତ୍ତି କରାଯାଇଥିଲା। ତେବେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଯୁଗଳଙ୍କ ଏତାଲା ପ୍ରକାରେ ଗାଙ୍ଗପୁର ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

## ବ୍ଲକ୍ ଉପାଧ୍ୟକ୍ଷ ଉପନିର୍ବାଚନ ବିଜ୍ଞପ୍ତି ଜାରି

ଜଗନ୍ନାଥପ୍ରସାଦ, ୧୩।୮(ସମିସ): ଜଗନ୍ନାଥପ୍ରସାଦ ବ୍ଲକର ଉପାଧ୍ୟକ୍ଷ ଉପନିର୍ବାଚନ ଲାଗି ବିଜ୍ଞପ୍ତି ଜାରି ହୋଇଛି। ରାଜ୍ୟ ନିର୍ବାଚନ କମିଶନଙ୍କ ଦ୍ୱାରା ନିର୍ଦ୍ଧାରିତ ସମୟ ଆସନ୍ତା ୨୦ ତାରିଖ ୧୦ଟାରୁ ଆରମ୍ଭ ହୋଇ ୧୧ଟା ମଧ୍ୟରେ ପ୍ରାର୍ଥିପତ୍ର ଆବେଦନ ଓ ପ୍ରାର୍ଥିପତ୍ର ଯାଞ୍ଚ ଦିବା ୧୧. ୩୦ ସମୟ ରହିଛି। ପ୍ରାର୍ଥୀଙ୍କ ଦ୍ୱାରା ପ୍ରାର୍ଥିତ୍ୱ ଓ ନାମାଙ୍କନ ପତ୍ର ପତ୍ୟାହାର ସମୟ ୧୨ଟା ସମୟ ଉଲ୍ଲେଖ ରହିଛି। ଏନେଇ ବ୍ଲକ ପ୍ରଶାସନ ଏକ ବିଜ୍ଞପ୍ତି ପ୍ରକାଶ କରିଛି। ଏହି ଉପନିର୍ବାଚନରେ ନିର୍ବାଚନ ଅଧିକାରୀ ଭାବେ ବୁଗୁଡ଼ା ବ୍ଲକ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଦ୍ୟୁତିକୃଷ୍ଣ ପାତ୍ର ରହିଥିବା ବେଳେ ଏହା ଜଗନ୍ନାଥପ୍ରସାଦ ପଞ୍ଚାୟତ ସମିତି କାର୍ଯ୍ୟାଳୟଠାରେ ଅନୁଷ୍ଠିତ ହେବ। ପୂର୍ବ ସୂଚନା ଅନୁସାରେ ରଞ୍ଜିତ କୁମାରପାତ୍ର ଗତ ଜୁନ୍ ମାସ ୧୬ ରିଖରେ ଚିଠି ନମ୍ବର ୫୭୮୬ ପ୍ରକାରେ ଇସ୍ତଫା ପତ୍ର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ହାତାହାତି ପ୍ରଦାନ କରିଥିଲେ। ଏନେଇ ଜିଲ୍ଲାପାଳ ଛତ୍ରପୁରଙ୍କ ଚିଠି ନମ୍ବର ୧୪୬୬ ପ୍ରକାରେ ଉପଜିଲ୍ଲାପାଳ, ଜଗନ୍ନାଥ ପ୍ରସାଦ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଓ ଜିଲ୍ଲା ପଞ୍ଚାୟତ ଅଧିକାରୀଙ୍କୁ ଚିଠି କରିଥିଲେ।

# ବିଭିନ୍ନ ସ୍ଥାନରେ ତ୍ରିରଙ୍ଗା ଶୋଭାଯାତ୍ରା







ଭଞ୍ଜନଗର, ୧୩।୮ (ସମିସ)

ଭଞ୍ଜନଗର କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ ମହାବିଦ୍ୟାଳୟ ଛାତ୍ରୀଛାତ୍ର ବୁଧବାର ତ୍ରିରଙ୍ଗା ଯାତ୍ରାରେ ସାମିଲ ହୋଇଥିଲେ। ୧୦୦ ମିଟର ଲମ୍ବ ବିଶିଷ୍ଟ ଜାତୀୟ ପତାକା ଧରି ସହର ପରିକ୍ରମା କରିଥିଲେ। ଶୋଭାଯାତ୍ରାରେ ଏନ୍‌ସିସି ଆର୍ମି ୱିଙ୍ଗ, ନାଭାଲ ୱିଙ୍ଗ, ଜାତୀୟ ସେବା ଯୋଜନା ଶାଖା ୧ ଓ ୨, ଯୁବ ରେଡ୍‌କ୍ରସ ସ୍ୱେଚ୍ଛାସେବୀ ସମେତ ସମସ୍ତ ବିଭାଗର ଛାତ୍ରୀଛାତ୍ର ଭାଗ ନେଇଥିଲେ। ଅତିରିକ୍ତ ଉପଜିଲାପାଳ ସୁମନ ଘୋଷ ମୁଖ୍ୟ ଅତିଥି ଭାବେ ଯୋଗଦେଇ ରାଲିର ଶୁଭାରମ୍ଭ କରିଥିଲେ। କଲେଜ ଅଧ୍ୟକ୍ଷ ରାଜେନ୍ଦ୍ର କୁମାର ଦାସ, ପ୍ରଶାସନିକ ଅଧିକାରୀ ବିଭାସ ଦାସ, ପ୍ରାଧ୍ୟାପକ କୁମୁଦ ଚନ୍ଦ୍ର ମହାପାତ୍ର, ପ୍ରଶାନ୍ତ ରଥ, ହର ପ୍ରସାଦ ଶତପଥୀ, ରବୀନ୍ଦ୍ର ମିଶ୍ର, ଅଧ୍ୟାପକ ସନାତନ ବେହେରା, ଦୁର୍ଗା ପ୍ରସାଦ ସାହୁ, ଯୁବ ରେଡକ୍ରସ ଅଧିକାରୀ ବିଦେଶୀ ରାଉତ, ନାଭାଲ ୱିଙ୍ଗ ସିଟିଓ ବିଭୂତି ଗୌଡ଼, ଏନ୍‌ସିସି ଆର୍ମି ସିଟିଓ ଅର୍ପଣ ପ୍ରଧାନ, ଏନ୍‌ଏସ୍‌ଏସ୍ ଶାଖା ଏକ ଯୋଜନା ଅଧିକାରୀ ବି ପ୍ରଧାନ, ବୁଦ୍ଧିନାଥ ବେହେରା, ଆର୍ ହରିଶ, ଅଧ୍ୟାପିକା ତୃପ୍ତିମୟୀ ଦାସ, ସୁନିତାରାଣୀ ଖଣ୍ଡୁଆଳ, ଏନ୍‌ଏସଏସ୍ ଯୋଜନା ଅଧିକାରିଣୀ ସସ୍ମିତା ଦାସ, ସ୍ମରଣିକା ପାଢ଼ୀ ପ୍ରମୁଖ ଉପସ୍ଥିତ ଥିଲେ।

**ଜଗନ୍ନାଥପ୍ରସାଦ:** ଜଗନ୍ନାଥ ପ୍ରସାଦ ବ୍ଲକ ବିଡ଼ିପୁର ପଞ୍ଚାୟତରେ ‘ସବୁ ଘରେ ତ୍ରିରଙ୍ଗା ସବୁ ଘରେ ସ୍ୱଚ୍ଛତା’ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଡିଓ ମନ୍ମଥ ନାଥ ମଲ୍ଲିକ, ସରପଞ୍ଚ ରଶ୍ମିତା ସାହୁ, ପୂର୍ବତନ କନ୍ଧମାଳ ସାଂସଦଙ୍କ ପ୍ରତିନିଧି ବିପ୍ର ଚରଣ ବାରିକ ପ୍ରମୁଖ ଯୋଗଦେଇ ଥିଲେ। ସରପଞ୍ଚ ପ୍ରତିନିଧି ଶିଶିର କାନ୍ତ ସାହୁ, ବିପିଏମ ବନମାଳୀ ସାହୁ, ପିଇଓ ତୁଷାରକାନ୍ତି ଜାନି, ପୂର୍ବତନ ସମିତିସଭ୍ୟ ଅମିର କୁମାର ସ୍ୱାଇଁ, ଯୋଗାଣ ସାହାୟିକା ରଶ୍ମିତା ପ୍ରଧାନ, ବିଦେଶୀ ଖଟେଇ, ଖଦାଳ ସ୍ୱାଇଁ, କୃଷ୍ଣଚନ୍ଦ୍ର ସେଠୀ, ଟିକୁନା ପ୍ରଧାନ, ଗଙ୍ଗା ସାହୁ, ସନ୍ତୋଷ କୁମାର ବାରିକ, ଜିତେନ୍ଦ୍ର ରଥ, ମଧୁସୂଦନ କର, ବିଜୟୀ ପ୍ରଧାନ, ପ୍ରଶ୍ନକୁମାର ଦାସ, ବସନ୍ତ ବସନ୍ତିୟା, ରଞ୍ଜନ କୁମାର ଜେନା, ପ୍ରଶ୍ନ କୁମାର ସ୍ୱାଇଁ, ଅଙ୍ଗନବାଡି କର୍ମୀ, ୱାର୍ଡ ସଭ୍ୟସଭ୍ୟା, ଏମ୍‌ବିକେ, ସିଆରପି, ମିଶନ ଶକ୍ତି ଗ୍ରୁପର ମହିଳା, ଗ୍ରାମବାସୀ ସାମିଲ ହୋଇଥିଲେ।

**ଶେରଗଡ଼:** ଶେରଗଡ଼ ବିଡିଓ ତୃପ୍ତିମୟୀ ଜେନାଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ସ୍ଥାନୀୟ ତହସିଲଦାର ତ୍ରିଦେବ ରଥ, ସିଡିପିଓ ମମତାଞ୍ଜଳି ପଣ୍ଡା, ଆରଡବ୍ଲ୍ୟୁଏସଏସ କନିଷ୍ଠ ଯନ୍ତ୍ରୀ ଶଶାଙ୍କ କୁମାର ପାଢ଼ୀ ଓ ମଳୟ କୁମାର ନାୟକ, ବ୍ଲକର ସମସ୍ତ ପଞ୍ଚାୟତ ନିର୍ବାହୀ ଅଧିକାରୀ, ବ୍ଲକର ସମସ୍ତ କର୍ମଚାରୀ, ସିଆରପି, ଏମବିକେ, ବ୍ୟାଙ୍କ ମିତ୍ର ଯୋଗ ଦେଇ ଦେଶର ଏକତା ଓ ଅଖଣ୍ଡତା ଉପରେ ଆଲୋକପାତ କରିଥିଲେ। ଆରଡବ୍ଲ୍ୟୁଏସଏସ କନିଷ୍ଠ ଯନ୍ତ୍ରୀ ଶଶାଙ୍କ କୁମାର ପାଢ଼ୀ ଓ ଶେରଗଡ଼ ପଞ୍ଚାୟତ ନିର୍ବାହୀ ଅଧିକାରୀ ଜି.ରବି କୁମାର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

**କବିସୂର୍ଯ୍ୟନଗର:** ସ୍ଥାନୀୟ ଡଃ. ଘନଶ୍ୟାମ ମିଶ୍ର ସଂସ୍କୃତ ମହାବିଦ୍ୟାଳୟ ପରିସରରେ ବୁଧବାର ଦିନ ‘ହର୍ ଘର୍ ତ୍ରିରଙ୍ଗା’ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ଡଃ. ଅବନୀ ରଞ୍ଜନ ମିଶ୍ର ସଭାପତିତ୍ୱ କରିଥିଲେ। ଦର୍ଶନ ବିଭାଗ ବରିଷ୍ଠ ଅଧ୍ୟାପକ ହେମନ୍ତ କୁମାର ଗନ୍ତାୟତ ମୁଖ୍ୟବକ୍ତା ଭାବେ ଯୋଗଭଦେଇଥିଲେ। ଅଧ୍ୟାପକ ନରସିଂହ ପାଢ଼ୀ, ଅଧ୍ୟାପିକା ରୁନି ପାଣିଗ୍ରାହୀ, କିରାଣି ଧରିତ୍ରୀ ପ୍ରଧାନ, କର୍ମଚାରୀ ସୀତାପତି ମହାରଣା, ବାବୁଲା ମଣ୍ଡଳ ତଥା ଛାତ୍ରଛାତ୍ରୀମାନେ ଯୋଗଦାନ କରିଥିବା ବେଳେ ଶାସ୍ତ୍ରୀ ଦ୍ୱିତୀୟ ବର୍ଷର ଛାତ୍ର ଅଜିତ୍ ପ୍ରସାଦ ପତି, ଛାତ୍ରୀ ସସ୍ମିତା ପୋଲେଇ, ଅଙ୍କିତା ସାମନ୍ତରା, ଟିକିନା ଗୌଡ଼, ସରିତା ପ୍ରଧାନ, ସଙ୍ଗୀତା ପ୍ରଧାନ ନିଜ ନିଜର ବକ୍ତବ୍ୟ ରଖିଥିଲେ। ଅଧ୍ୟାପିକା ଡା..ସୌଭାଗ୍ୟ ମଞ୍ଜରୀ ନାଥ ସଭା ସଞ୍ଚାଳନ କରିଥିବା ବେଳେ ଅଧ୍ୟାପକ ଚିତ୍ତରଞ୍ଜନ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

